# ଥମୁନି ଜଙ୍ଗଲ ନିଆଁ, ବଢୁଛି ତାତି

ରାୟଗଡ଼ା,୧୯।୪(ଆଶିଷ ରଞ୍ଜନ ପଣ୍ଡା)



କୋଲନରା ବ୍ଲକର ମୁକୁନ୍ଦପୁରଠାରୁ କୈଳାସପୁର ପର୍ଯ୍ୟନ୍ତ ଜଙ୍ଗଲ ଜଳୁଛି।

ଦିନକୁ ଦିନ ରାଜ୍ୟର ତାପମାତ୍ରା ବଢ଼ିବାରେ ଲାଗିଛି। ତାତି ବଢ଼ିବା ସହ ରାୟଗଡ଼ା ଜିଲାରେ ଜଳୁଛି ଜଙ୍ଗଲ। ବନାଗ୍ନି ଯୋଗୁ ପ୍ରବଳ ଗରମ ଅନୁଭୂତ ହେଉଥିବାରୁ ଲୋକେ ଅତିଷ୍ଠ ହୋଇପଡ଼ିଲେଣି। ଅନ୍ୟପକ୍ଷେ ଅଧିକାଂଶ ସ୍ଥାନରେ ଜଙ୍ଗଲ ଜଳୁଥିବାରୁ ବହୁ ମୂଲ୍ୟବାନ୍ ଗଛ ନଷ୍ଟ ହୋଇଯାଉଛି। ପ୍ରତିବର୍ଷ ଗ୍ରୀଷ୍ମଋତୁରେ ଏଭଳି ବେଆଇନ ଭାବେ ଜଙ୍ଗଲ ଜଳୁଥିବା ବେଳେ ବନ ବିଭାଗ କର୍ମଚାରୀ କୌଣସି ପଦକ୍ଷେପ ନେଉ ନ ଥିବା ସାଧାରଣରେ ଅଭିଯୋଗ ହୋଇଛି। ଲୋକେ ବେଆଇନ ଭାବେ ଜଙ୍ଗଲରେ ନିଆଁ ଲଗାଉଥିଲେ ମଧ୍ୟ ବନ ବିଭାଗ ପକ୍ଷରୁ ଏହା ବିରୋଧରେ କୌଣସି ଠୋସ୍ ପଦକ୍ଷେପ ନିଆଯାଉ ନାହିଁ। ଗୁରୁବାର ରାତିରେ କୋଲନରା ବ୍ଲକର ମୁକୁନ୍ଦପୁରଠାରୁ କୈଳାସପୁର ପର୍ଯ୍ୟନ୍ତ ଜଙ୍ଗଲ ଜଳୁଥିଲା। ନିଆଁର ପ୍ରଭାବ ଏତେ ରହିଥିଲା ଯେ, ଉକ୍ତ ଅଞ୍ଚଳରେ ଅତ୍ୟଧିକ ଗରମ ଅନୁଭୂତ ହୋଇଥିଲା। ନିଆଁ ଲାଗିଥିବା ସୂଚନା ପାଇଁ ଗୁମ୍ମା ଫରେଷ୍ଟର ଡମ୍ବୁରୁ ନାୟକ ଷ୍ଟାଫ୍‌ଙ୍କ ସହ ଉକ୍ତ ଅଞ୍ଚଳକୁ ଯାଇ ନିଆଁ ଲିଭାଇଥିଲେ ।

ରାୟଗଡ଼ାଠାରୁ କୋରାପୁଟ ଯାଇଥିବା ୩୨୬ ନଂ. ଜାତୀୟ ରାଜପଥ କଡ଼ରେ ଥିବା ଗୁମ୍ମା ଓ ସାଙ୍କେଶ ଜଙ୍ଗଲରେ ନିଆଁ ଲାଗିଥିଲେ ମଧ୍ୟ ଏହାକୁ କେହି ଆୟତ୍ତ କରୁ ନ ଥିବା ଅଭିଯୋଗ ହୋଇଛି । ସେହିପରି ଗୁଣପୁର ରେଞ୍ଜ ଅନ୍ତର୍ଗତ କୈଳାସପୁର, ବାଗୁଡ଼ି, ହାତୀଖମ୍ବା, ରାୟଗଡ଼ା ରେଞ୍ଜର ଡଙ୍ଗରଲେକାପାଇ, ଲେକାପାଇ,

### ବନ ବିଭାଗ ପଦକ୍ଷେପ ଶୂନ

ମୁକୁନ୍ଦପୁର ଏବଂ ଟିକିରି ରେଞ୍ଜ ଅନ୍ତର୍ଗତ ଶଙ୍କରଡ଼ା, ଏସ୍.ଡଙ୍ଗାସିଲ, କିଟିଖୋଲ ଆଦି ଜଙ୍ଗଲଗୁଡ଼ିକ ଜଳୁଛି। ଫଳରେ ବହୁ ମୂଲ୍ୟବାନ୍ ଔଷଧୀୟ ବୃକ୍ଷ ନଷ୍ଟ ହୋଇଗଲାଣି । ଗୋଟିଏ ପଟେ ଜଙ୍ଗଲୀ ନିଆଁ ରୋକିବା ପାଇଁ ବନ ବିଭାଗ ପକ୍ଷରୁ ନିଆଁ ଲିଭାଇବା ଏବଂ ଜଙ୍ଗଲରେ ନିଆଁ ଲଗାଇବା ରୋକିବା ନେଇ ବିଭିନ୍ନ ବ୍ୟବସ୍ଥା ଓ ଆଇନ ରହିଥିବା ନେଇ ରାୟଗଡ଼ା ବନଖଣ୍ଡ ଡିଏଫ୍ଓ ସଚିନ୍ନ ଆନ୍ନାସାହେବ ଓହେଲ କହୁଥିବା ବେଳେ ତୃଣମୂଳସ୍ତରରେ ବିଭାଗୀୟ କର୍ମଚାରୀଙ୍କ ଅବହେଳା ଯୋଗୁ ଲୋପ ପାଇବାରେ ଲାଗିଲାଣି ଜଙ୍ଗଲ। ତେଣୁ ବନ ବିଭାଗ ଏଥିପ୍ରତି ଦୃଢ଼ ପଦକ୍ଷେପ ନେଇ ଜଙ୍ଗଲରେ ବେଆଇନ ଭାବେ ଲଗାଯାଉଥିବା ନିଆଁକୁ ସମ୍ପୂର୍ଣ୍ଣ ଭାବେ ରୋକିବା ଆବଶ୍ୟକ ବୋଲି ସାଧାରଣରେ ଦାବି ହୋଇଛି ।

## ସଂକ୍ଷେପରେ

### ବିଜେଡିରୁ ଇସ୍ତଫା ଦେଲେ ବିନ୍ଦୁରାଣୀ



ଜୟପୁର, ୧୯।୪ (ପବନ ପାଣିଗ୍ରାହୀ)

ବିଜେଡିରୁ ଇସ୍ତଫା ଦେଇଛନ୍ତି ବରିଷ୍ଠ ନେତ୍ରୀ ବିନ୍ଦୁରାଣୀ ମିଶ୍ର । ଏନେଇ ଶୁକ୍ରବାର ସେ ଜୟପୁର ସୁରିଙ୍ଗାସାହିସ୍ଥିତ ନିଜ ବାସଭବନରେ ଖବରଦାତା ସମ୍ମିଳନୀରେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ସେ ନିଜ ଇସ୍ତଫା ପତ୍ର ଦଳର ସଭାପତିଙ୍କ ନିକଟକୁ ପଠାଇଦେଇଥିବା କହିଛନ୍ତି। ୧୯୯୭ରୁ ବିନ୍ଦୁରାଣୀ ବିଜେଡିର ଜଣେ ଶୃଙ୍ଖଳିତ ସଦସ୍ୟ ରୂପେ କାର୍ଯ୍ୟ କରିଆସୁଥିଲେ। ବିଗତ ଦିନରେ ସେ କାଉନସିଲର, ଏମ୍‌ପି ପ୍ରତିନିଧି, ଜିଲା ପରିଷଦ ସଭ୍ୟା, ଏନ୍ଏସିର ପର୍ଯ୍ୟବେକ୍ଷକ ସହ ଜିଲାସ୍ତରୀୟ ବିଭିନ୍ନ ସଙ୍ଗଠର କାର୍ଯ୍ୟକର୍ତ୍ତା ଭାବେ ଦାୟିତ୍ୱ ତୁଲାଇଛନ୍ତି। ସେ ଜୟପୁର ନିବାଚନମଣ୍ଡଳୀର ବିଧାୟକ ପ୍ରାର୍ଥୀ ହେବା ପାଇଁ ବହୁବାର ଆବେଦନ କରିଥିଲେ। ଚଳିତ ନିର୍ବାଚନରେ ବିଜେଡି ଜୟପୁରରେ ମହିଳା ପ୍ରାର୍ଥୀ ଦେବାକୁ ନିଷ୍ପତ୍ତି ନେଇଥିଲା। ତାଙ୍କୁ ଦଳ ପ୍ରାର୍ଥୀ କରିବ ବୋଲି ବିନ୍ଦୁରାଣୀ ଆଶା କରିଥିଲେ। ମାତ୍ର ପୂର୍ବତନ ମନ୍ତ୍ରୀ ରବିନାରାୟଣ ନନ୍ଦଙ୍କ ସ୍ତ୍ରୀ ଇନ୍ଦିରା ନନ୍ଦଙ୍କୁ ଦଳ ଟିକେଟ ଦେଇଛି। ଦଳ ପରିବାରବାଦକୁ ଗୁରୁତ୍ୱ ଦେଇଛି ବୋଲି ଅଭିଯୋଗକରି ସେ କହିଛନ୍ତି, ଇନ୍ଦିରା ୨୦୧୯ରୁ ସକ୍ରିୟ ରାଜନୀତିକୁ ଆସିଲେ । ସେ କେବେ ବି କାଉନସିଲର କି ଜିଲା ପରିଷଦ ସଭ୍ୟାଟିଏ ହୋଇନାହାନ୍ତି। ଏସବୁ ତାଙ୍କୁ ବ୍ୟଥିତ କରିଛି। ଫଳରେ ସେ ବିଜେଡିରୁ ଇସ୍ତଫା ଦେଇଛନ୍ତି । ଅନ୍ୟ ଦଳରେ ମିଶିବେ କି ନାହିଁ ସେ ନେଇ ଆଗାମୀ ଦିନରେ ସୂଚନା ଦେବେ ବୋଲି ବିନ୍ଦୁରାଣୀ କହିଛନ୍ତି ।

### ଗୃହପାଳିତ ପ୍ରାଣୀ, ପକ୍ଷୀଙ୍କ ପାଇଁ ଜଳାଭାବ

କୋଟପାଡ଼,୧୯।୪(ରାଜଶେଖର ରାଓ)

କୋରାପୁଟ ଜିଲା କୋଟପାଡ଼ ଅଞ୍ଚଳରେ ଦେବାନ ମୁଣ୍ଡା ପୋଖରୀ ଏବଂ ଦମୟନ୍ତୀ ସାଗର ଚଳିତ ବର୍ଷ ପଙ୍କ ପୁନରୁଦ୍ଧାର କାର୍ଯ୍ୟ ଆରମ୍ଭକରି ପ୍ରଶାସନ ଏହି ଦୁଇ ଜଳାଶୟକୁ ସମ୍ପୂର୍ଣ୍ଣ ରୂପେ ଜଳ ନିଷ୍କାସନ କରି ଶୁଖାଇ ଦେଇଛି। ଫଳରେ ଗୃହପାଳିତ ପ୍ରାଣୀ ଏବଂ ପକ୍ଷୀମାନଙ୍କ ପାଇଁ ପାନୀୟ ଜଳର ଅଭାବ ଦେଖାଦେଇଛି। ସହରାଞ୍ଚଳରେ ମଧ୍ୟ ଜଳ ଅଭାବ ଦେଖାଦେଉଛି। ଅନ୍ୟପକ୍ଷରେ ଗତ କିଛିଦିନ ଧରି ଭୀଷଣ ଖରା ଯୋଗୁ କୋଟପାଡ଼ ଅଞ୍ଚଳରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ମଧ୍ୟାହ୍ନ ୧୨ଟା ପରେ ସହର ସମ୍ପୂର୍ଣ୍ଣ ଶୂନ୍‌ଶାନ ହୋଇପଡୁଛି। ଅପରାହ୍ନ ୪ଟା ପରେ ରୌଦ୍ରତାପରୁ କିଛି ପରିମାଣରେ ନିସ୍ତାର ମିଳୁଥିବା ବେଳେ ଗରମ, ଗୁଳୁଗୁଳି ଲାଗିରହୁଛି । ଏଥିସହ ବାରମ୍ବାର ବିଦ୍ୟୁତ୍ କାଟ ଏହାକୁ ଦ୍ୱିଗୁଣିତ କରିଦେଉଛି ।

# ଅଚଳ ହୋଇପଡ଼ିଛି ସୋସିଆଲ ମିଡିଆ ଫ୍ୟାନ୍ କ୍ଲବ୍

ରାୟଗଡ଼ା,୧୯।୪(ଆଶିଷ ରଞ୍ଜନ ପଣ୍ଡା)

୨୦୨୪ ସାଧାରଣ ନିର୍ବାଚନକୁ ଆଖି ଆଗରେ ରଖି ରାୟଗଡ଼ା ଜିଲାର ବିଭିନ୍ନ ଦଳର ଆଶାୟୀ ପ୍ରାର୍ଥୀମାନେ ସୋସିଆଲ ମିଡିଆରେ ଖୋଲିଥିଲେ ଫ୍ୟାନ୍ କ୍ଲବ୍ । ଏଭଳିକି ୩ ପ୍ରମୁଖ ଦଳ ବିଜେଡି, ଭାଜପା ଓ କଂଗ୍ରେସର ମାଳମାଳ ଆଶାୟୀଙ୍କର ଫେସ୍‌ବୁକ୍, ହ୍ୱାଟ୍ସଆପ୍‌ରେ ରହିଥିଲା ଫ୍ୟାନ୍ କ୍ଲବ୍। ନିଜ ନିର୍ବାଚନମଣ୍ଡଳୀରେ ବାହାଘର, ବ୍ରତଘର ଆଦି କାର୍ଯ୍ୟରେ ଯୋଗଦେବା ପରେ ସୋସିଆଲ ମିଡିଆରେ ଭାଇରାଲ ହେଉଥିଲା ସେମାନଙ୍କ ଫଟୋ ଏବଂ ଭିଡିଓ । ତେବେ ଇତିମଧ୍ୟରେ ବିଜେଡି, ଭାଜପା ଓ କଂଗ୍ରେସ ପ୍ରାର୍ଥୀ ଘୋଷଣା ସରିବା ପରେ ସେହି ଫ୍ୟାନ୍ କ୍ଲବ୍ ଆକାଉଣ୍ଟଗୁଡ଼ିକ ଏକପ୍ରକାର ଅଚଳ ହୋଇଯାଇଛି । ଆଶାୟୀ ଥିବା ପ୍ରାର୍ଥୀଙ୍କୁ ଆଉ ନିର୍ବାଚନମଣ୍ଡଳୀରେ ବୁଲିବା ଦେଖିବାକୁ ମିଳୁନି। ଏଭଳିକି ଗ୍ରୁପ୍ ଆଡମିନ୍ ରହିଥିବା ଆଶାୟୀଙ୍କ ସମର୍ଥକମାନେ ମଧ୍ୟ କୌଣସି ପୋଷ୍ଟ ନ କରି ଚୁପ୍ ରହିଛନ୍ତି । ନିର୍ବାଚନ ସମୟ ଆସିଲେ ଏଭଳି ଆଶାୟୀ ପ୍ରାର୍ଥୀମାନେ ଆସନ୍ତି ଏବଂ ହଠାତ୍ ଉଭାନ ହୋଇଯାଆନ୍ତି ବୋଲି ଗାଁଠାରୁ ସହର ପର୍ଯ୍ୟନ୍ତ ରହିଥିବା ବିଭିନ୍ନ ଚା' ଓ ପାନ ଖଟିରେ ଚର୍ଚ୍ଚାର ବିଷୟ ପାଲଟିଛି।

### ପ୍ରାର୍ଥୀ ଘୋଷଣା ପରେ ଆଉ ଆଶାୟୀଙ୍କ ଦେଖାମିଳୁନି

ପ୍ରକାଶ ଥାଉକି, କୋରାପୁଟ ସଂସଦୀୟ କ୍ଷେତ୍ରରେ ୩ ପ୍ରମୁଖ ଦଳ ପକ୍ଷରୁ ପ୍ରାର୍ଥୀ ଘୋଷଣା ସରିଛି । କୋରାପୁଟ ଲୋକ ସଭା ଆସନ ଅଧୀନ ୭ଟି ବିଧାନସଭା ଆସନରେ ବିଜେଡି, କଂଗ୍ରେସ ଓ ଭାଜପା ପକ୍ଷରୁ ପ୍ରାର୍ଥୀ ଦିଆସରିଛି । ଏହି ଆସନଗୁଡ଼ିକରେ ଟିକେଟ ଦିଆଯିବା ଆଗରୁ ୩ ରୁ ୪ ଜଣ ଲେଖାଏ ଆଶାୟୀ ନିୟମିତ ଘୂରି ବୁଲୁଥିଲେ । ଦଳୀୟ ନେତା ଓ ବ୍ୟବସାୟୀ ନିଜକୁ ବିଧାୟକ ପ୍ରାର୍ଥୀ ଦର୍ଶାଇ ବନ୍ଧୁମିଳନ ଏବଂ ସଭାସମିତି କରୁଥିଲେ । କେଉଁଠି ଦୁର୍ଘଟଣା କିମ୍ବା ଅଘଟଣ ଘଟିଲେ ତୁରନ୍ତ ପହଞ୍ଚି ଯାଉଥିଲେ । କେତେଜଣ ଆଶାୟୀ ଟଙ୍କା ଖର୍ଚ୍ଚକରି ନିଜର ସୋସିଆଲ ମିଡିଆ ଫ୍ୟାନ୍ କ୍ଲବ୍ ପରିଚାଳନା ଓ ପ୍ରମୋସନ ପାଇଁ ଏଜେନ୍ସିଗୁଡ଼ିକୁ ଦାୟିତ୍ୱ ଦେଇଥିଲେ । ଏବେ ଏସବୁ ଆଉ ଦେଖିବାକୁ ମିଳୁନାହିଁ । ଆଶାୟୀମାନେ ମଇଦାନରୁ ସମ୍ପୂର୍ଣ୍ଣ ଗାଏବ ହୋଇଯାଇଛନ୍ତି। ପ୍ରତି ନିର୍ବାଚନମଣ୍ଡଳୀରେ ବିଭିନ୍ନ ଦଳର ଆଶାୟୀଙ୍କ ସଂଖ୍ୟା ଦେଖି ରାଜନୈତିକ ସମୀକ୍ଷକମାନେ ଭିନ୍ନ ଭିନ୍ନ ମତ ଦେଇଥିଲେ । ଏନେଇ ବିଭିନ୍ନ ରାଜନୈତିକ ସମୀକ୍ଷକ କହିଛନ୍ତି, ଟିକେଟ ଘୋଷଣା ପୂର୍ବରୁ ସବୁ ଆସନରେ ଏକାଧିକ ଆଶାୟୀ ଥିଲେ । କାନ୍ଥବାଡ଼ ସମେତ ପ୍ରମୁଖ ଛକରେ ପୋଷ୍ଟର, ବ୍ୟାନର ଲଗାଇଥିଲେ । ସୋସିଆଲ ମିଡିଆକୁ ପ୍ରଚାରର ମାଧ୍ୟମ କରିଥିଲେ । ଟିକେଟ ଘୋଷଣା ପରେ ସେମାନେ ହଠାତ୍ ଉଭାନ ହୋଇଯାଇଛନ୍ତି । ଏବେ ଆଶାୟୀଙ୍କ ସମର୍ଥକମାନେ ସେମାନଙ୍କ ହାତ ଛାଡ଼ି ଦେଇଛନ୍ତି । କାହାରି ଦେଖା ମିଳୁନାହିଁ । ସ୍ୱାଧୀନ ଭାବେ ନିର୍ବାଚନ ମଇଦାନକୁ ଓହ୍ଲାଇବାକୁ ସେମାନେ ପଛଘୁଞ୍ଚା ଦେଉଛନ୍ତି । ତେବେ କେତେବେଳେ କେଉଁ ଆଶାୟୀ କାଳେ ସ୍ୱାଧୀନ ଭାବେ ନିର୍ବାଚନ ମଇଦାନକୁ ଓହ୍ଲାଇବେ ସେଥିପାଇଁ ସବୁ ପ୍ରମୁଖ ଦଳର ନେତାମାନେ ତାଙ୍କ ଉପରେ ନଜର ରଖିଛନ୍ତି ।

# ଦ୍ୱିତୀୟ ଦିନରେ ୪ ନାମାଙ୍କନପତ୍ର କ୍ରୟ

ଗୁଣପୁର,୧୯।୪(ପ୍ରଦୀପ କୁମାର ପାଢ଼ୀ)

ରାୟଗଡା ଜିଲା ଗୁଣପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ମେ ୧୩ ତାରିଖରେ ନିର୍ବାଚନ ଅନୁଷ୍ଠିତ ହେବ। ଏଥିପାଇଁ ଗୁରୁବାରଠାରୁ ନାମାଙ୍କନପତ୍ର କ୍ରୟ ଏବଂ ଦାଖଲ ପ୍ରକ୍ରିୟା ଆରମ୍ଭ ହୋଇଛି। ନାମାଙ୍କନପତ୍ର ଦାଖଲର ଦ୍ୱିତୀୟ ଦିନରେ ଶୁକ୍ରବାର ୪ଟି ନାମାଙ୍କନ ପତ୍ର କ୍ରୟ ହୋଇଛି। ଭାଜପାର ତ୍ରିନାଥ ଗମାଙ୍ଗ, ସିପିଆଇଏମ୍ଏଲ ଲିବରସେନର ଅନାସିମ ଶବର, ପଦ୍ମିନି ଗମାଙ୍ଗ, କଂଗ୍ରେସର ଅସନ୍ତୁଷ୍ଟ ନେତା ଭାସ୍କର ଜାଗରଙ୍ଗା ପ୍ରମୁଖ ପ୍ରାର୍ଥିପତ୍ର କ୍ରୟ କରିଛନ୍ତି। ଦୁଇ ଦିନରେ ୬ଟି ନାମାଙ୍କନ ପତ୍ର କ୍ରୟ କେରାଯାଇଥିବା ଜଣାପଡ଼ିଛି। ତେବେ ୨ ଦିନ ମଧ୍ୟରେ ଗୋଟିଏ ହେଲେ ନାମାଙ୍କନପତ୍ର ଦାଖଲ ହୋଇ ନ ଥିବା ଜଣାପଡିଛି। ୨୫ ତାରିଖ ପର୍ଯ୍ୟନ୍ତ ନାମାଙ୍କନପତ୍ର ଦାଖଲ ପାଇଁ ଦିନ ଧାର୍ଯ୍ୟ ହୋଇଛି। ଗୁରୁବାର ଦିନ କଂଗ୍ରେସର ପ୍ରାର୍ଥୀ ସତ୍ୟଜିତ ଗମାଙ୍ଗ ଏବଂ ଅନ୍ୟ ଜଣେ ଗୁଡାରି ବ୍ଲକ ଏମକେରାଇ ତଥା ବିଧାୟକ ରଘୁନାଥ ଗମାଙ୍ଗଙ୍କ ଗ୍ରାମର ରଶ୍ମିତା ଶବର ନାମାଙ୍କନପତ୍ର କ୍ରୟ କରିଥିଲେ।

### ଗୋଟିଏ ବି ପ୍ରାର୍ଥିପତ୍ର ଦାଖଲ ହୋଇନି

### ଅଗ୍ନି ନିରାପତ୍ତା ନେଇ ହସ୍ପିଟାଲ କର୍ମଚାରୀଙ୍କୁ ତାଲିମ

ଜୟପୁର,୧୯।୪(ପବନ ପାଣିଗ୍ରାହୀ)

ଜୟପୁରସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ଅଗ୍ନି ନିରାପତ୍ତା ଉପରେ ସମସ୍ତ କର୍ମଚାରୀ ଶୁକ୍ରବାର ତାଲିମ ନେଇଛନ୍ତି। ଜୟପୁର ଅଗ୍ନିଶମ ବିଭାଗ ପକ୍ଷରୁ ସେମାନଙ୍କୁ ଏହି ତାଲିମ ମିଳିଛି। ହସ୍ପିଟାଲର ଫାୟାର ସେଫ୍ଟି ସୁପରଭାଇଜର ରମାକାନ୍ତ ପାଲ ଓ ଦମକଳ ବିଭାଗର ଫାୟାର ଅଫିସର ତାଲିମ ଦେଇଥିଲେ। ଅଚାନକ ଯଦି ହସ୍ପିଟାଲରେ ଅଗ୍ନିକାଣ୍ଡ ଘଟେ କିପରି ମୁକାବିଲା କରାଯାଇପାରିବ ସେ ନେଇ ତାଲିମ ପ୍ରଦାନ କରାଯାଇଥିଲା। ଡାକ୍ତର, ନର୍ସ, ହସ୍ପିଟାଲର ସମସ୍ତ କର୍ମଚାରୀ, ସୁରକ୍ଷା କର୍ମୀ ତାଲିମ ନେଇଥିଲେ । ତାଲିମ ବେଳେ ସୁପରିଣ୍ଟେଣ୍ଡେଣ୍ଟ ରବୀନ୍ଦ୍ରନାଥ ମିଶ୍ର, ହସ୍ପିଟାଲ ମ୍ୟାନେଜର ରୂପସୀ ନାୟକ, ତଥାଗତ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

### ଦେଶୀ ମଦ ଚାଲାଣ ବେଳେ ଚଢାଉ

ଜୟପୁର, ୧୯।୪ (ପବନ ପାଣିଗ୍ରାହୀ)

ଦେଶୀ ମଦ ଚୋରାଚାଲାଣ ବେଳେ ଜୟପୁର ଅବକାରୀ ବିଭାଗ କର୍ମଚାରୀ ଶୁକ୍ରବାର ଚଢାଉ କରି ଜଣଙ୍କୁ ଗିରଫ କରିଛନ୍ତି। ସେ ହେଲେ ବୋରିଗୁମ୍ମା ବ୍ଲକ ମୁଣ୍ଡିଗୁଡା ଗ୍ରାମର ବିଭିଷଣ ଗୌଡ (୨୭)। ବିଭିଷଣ ଦେଶୀ ମଦ ଚୋରାଚାଲାଣ କରୁଥିବା ସୂଚନା ପାଇ ଚାଲାଣଗୁଡା ଗ୍ରାମ ରାସ୍ତାରେ କର୍ମଚାରୀମାନେ ଚଢାଉ କରି ତାଙ୍କୁ ଧରିଥିଲେ। ତାଙ୍କଠାରୁ ୧୪ ଲିଟର ଦେଶୀ ମଦ ଜବତ ହୋଇଛି। ଗିରଫ ପରେ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ଅବକାରୀ ନିରୀକ୍ଷକ ଶଶିକାନ୍ତ ଦତ୍ତ କହିଛନ୍ତି ।

# ନିୟମଗିରିରେ ଡାକ୍ତରୀ ଟିମ୍‌ର ଚିକିତ୍ସା ଜାରି

ମୁନିଗୁଡ଼ା,୧୯।୪ (ନନ୍ଦକିଶୋର ପଟ୍ଟନାୟକ)

ରାୟଗଡ଼ା ଜିଲା ନିୟମଗିରି ଅଞ୍ଚଳରେ ନିୟମଗିରିରେ ବସବାସ କରୁଥିବା ଆଦିମ ଜନଜାତି ଡଙ୍ଗରିଆ କନ୍ଧ ମ୍ୟାଲେରିଆରେ ଆକ୍ରାନ୍ତ ହୋଇଛନ୍ତି। ମୁନିଗୁଡ଼ା ବ୍ଲକ ଅନ୍ତର୍ଗତ ମୁନିଖୋଲ ପଞ୍ଚାୟତର ଖମ୍ଭେସୀ ଗ୍ରାମର ଗ୍ରାମବାସୀ ଗତ କିଛିଦିନ ହେଲା ଜ୍ୱରରେ ପୀଡିତ ଥିଲେ। ସେମାନଙ୍କ ରକ୍ତ ନମୁନା ପରୀକ୍ଷା ପରେ ମ୍ୟାଲେରିଆ ଜୀବାଣୁ ଚିହ୍ନଟ ହୋଇଛି । ଖବରପାଇ ଗୁରୁବାରଠାରୁ ଡାକ୍ତରୀ ଟିମ୍ ସେଠାରେ ପହଞ୍ଚି ଚିକିତ୍ସା ଆରମ୍ଭ କରିଛନ୍ତି।

ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ମମତା ଚୌଧୁରୀ, ମୁନିଗୁଡ଼ା ମେଡିକାଲ ଇନ୍‌ଚାର୍ଜ ଆଶିଷ ପଣ୍ଡା, ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ସଞ୍ଜୁକ୍ତା ଗମାଙ୍ଗ, ଭ୍ରାମ୍ୟମାଣ୍ ଡାକ୍ତର ସନ୍ତୋଷ କୁମାର ସାହୁ, ଏମ୍‌ଟିଏସ୍ ମନୋରଞ୍ଜନ ଚୌଧୁରୀ, ସ୍ୱାସ୍ଥ୍ୟକର୍ମୀ ସନ୍ତୋଷ କୁମାର ପଟ୍ଟନାୟକ, ଫାର୍ମାସିଷ୍ଟ ଅଶୋକ କୁମାର ସାହୁ, ଏଲ୍ଏଚ୍‌ଭି ସୌଦାମିନୀ ମଲ୍ଲିକ, ଭିବିଡି ସନ୍ତୋଷ ପଣ୍ଡା, ଆଶା ଓ ଅଙ୍ଗନୱାଡି କର୍ମୀ ପ୍ରମୁଖ ଡଙ୍ଗରିଆଙ୍କୁ ଔଷଧ ଦେଇ ଚିକିତ୍ସା ଜାରି ରଖିଛନ୍ତି । ଗ୍ରାମରେ ମେଡିକାଲ ଟିମ୍ ଲୋକଙ୍କୁ ସଚେତନତା କରାଇବା ସହ ରକ୍ତ ପରୀକ୍ଷାକରି ମ୍ୟାଲେରିଆ ଜ୍ୱରରେ ଆକ୍ରାନ୍ତ ରୋଗୀଙ୍କୁ ଔଷଧ ବିତରଣ କରିଛନ୍ତି।

# କ୍ୟାନ୍‌ସର ସଚେତନତା ଶିବିର





ସଚେତନତା ଶିବିରରେ ଡାକ୍ତର ପରାମର୍ଶ ଦେଉଛନ୍ତି ।

ରାୟଗଡ଼ା,୧୯।୪(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡା ୱାକର୍ସ କ୍ଲବ ପକ୍ଷରୁ ସାଇକୃପା ଟେଷ୍ଟିଂ ସେଣ୍ଟରଠାରେ କ୍ୟାନ୍ସର ସଚେତନତା ଶିବିର ଆୟୋଜିତ ହୋଇଯାଇଛି। ୱାକର୍ସ କ୍ଲବର ସଭାପତି ଡ.ଦୁଷ୍ମନ୍ତ କୁମାର ମହାନ୍ତି ଓ ସାଇ କୃପାର ନିର୍ଦ୍ଦେଶକ ଡ.ରାଜେଶ କୁମାର ପାଢ଼ୀଙ୍କ ନେତୃତ୍ୱରେ ଏହି ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ବିଶାଖାପାଟଣାର କ୍ୟାନ୍ସର ବିଶେଷଜ୍ଞ ଡ.ଏମ.ନାଭ୍ୟା ଯୋଗଦେଇ କ୍ୟାନ୍ସର ରୋଗର କାରଣ ଓ ଏହାର ନିରାକରଣ ଉପରେ ଆଲୋକପାତ କରିଥିଲେ । ଏହି ଶିବିରରେ ପ୍ରାୟ ୬୦ରୁ ଊର୍ଦ୍ଧ୍ୱ ମହିଳା ଓ ପୁରୁଷ ଯୋଗଦେଇଥିଲେ । କାର୍ଯ୍ୟକ୍ରମକୁ ୱାକର୍ସ କ୍ଲବର ସମ୍ପାଦକ ରୁଦ୍ର ପ୍ରସାଦ ଚୌଧୁରୀ, ରାଜେନ୍ଦ୍ର ସାହୁ, ଦାଶରଥି ରାଜଗୁରୁ, ବଳରାମ ଚୌଧୁରୀ, ସତ୍ୟବାଦୀ ପତି ଓ ଅନ୍ୟ ସଦସ୍ଯମାନେ ଉପସ୍ଥିତ ରହି କାର୍ଯ୍ୟ ପରିଚାଳନା କରିଥିଲେ ।

# ସୀମାନ୍ତରେ ଅବକାରୀ ଚଢ଼ାଉ, ଦେଶୀମଦ ଜବତ

ଗୁଣପୁର,୧୯।୪(ପ୍ରଦୀପ କୁମାର ପାଢ଼ୀ)

ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ବ୍ୟାପକ ପରିମାଣରେ ଦେଶୀ ମଦ ଜବତ କରାଯାଇଛି। ଅବକାରୀ ଆୟୁକ୍ତ ନରସିଂହ ଭୋଳ, ଜିଲାପାଳ ମନୋଜ ସତ୍ୟୱାନ ମହାଜନଙ୍କ ନିର୍ଦ୍ଦେଶ କ୍ରମେ ଅବକାରୀ ଅଧିକ୍ଷକ ସନ୍ତୋଷ କୁମାର ଧଳ ସାମନ୍ତଙ୍କ ତତ୍ତ୍ୱାବଧାନରେ ଓଡିଶା – ଆନ୍ଧ୍ରପ୍ରଦେଶ ସୀମାନ୍ତ ଅଞ୍ଚଳର ମଙ୍ଗାଲୁଗୁଡା ଏବଂ କତାଗୁଡା ଗ୍ରାମ ସମେତ ଆଖପାଖ ଅଞ୍ଚଳରେ ଚଢ଼ାଉ କରାଯାଇଥିଲା। ଗୁଣପୁର ପୋଲିସ, ଜିଲା ଅବକାରୀ ଭ୍ରାମ୍ୟମାଣ, ବିଷମ କଟକ ଅବକାରୀ, ମୁନିଗୁଡା ଅବକାରୀ ବିଭାଗ ପକ୍ଷରୁ ମିଳିତ ଚଢ଼ାଉ କରାଯାଇ ଦେଶୀ ମହୁଲି ରନ୍ଧା ମଦ ପ୍ରାୟ ୨୫୦୦ ଲିଟର ସହ ବ୍ୟାପକ ପୋଚ ଜବତ କରାଯାଇଛି। ଏଥିସହ ମଦ ରନ୍ଧା ସାମଗ୍ରୀ ଜବତ କରାଯାଇଛି। ଗୁଣପୁର ସହକାରୀ ଜିଲାପାଳ ସତ୍ୟଜିତ ନାୟକ, ଅବକାରୀ ଉପ ଅଧିକ୍ଷକ ବିଶ୍ୱଜିତ ମାରାଣ୍ଡି, ଅବକାରୀ ନିରୀକ୍ଷକ ପ୍ରୀତିଧାରା ନାୟକ, ଭ୍ରାମ୍ୟମାଣ ଅବକାରୀ ପ୍ରମୁଖ ଅବକାରୀ ପଦାଧିକାରୀଙ୍କ ସମେତ ପୋଲିସ କର୍ମଚାରୀ ଚଢ଼ାଉରେ ସାମିଲ ଥିଲେ ।



ଜବତ ସାମଗ୍ରୀ ସହ ଚଢ଼ାଉରେ ସାମିଲ ହୋଇଥିବା ଅଧିକାରୀ।

# କ୍ୟାନ୍‌ସର ପୀଡ଼ିତଙ୍କ ପରିବାରକୁ ରାଶନ ସାମଗ୍ରୀ ପ୍ରଦାନ

ମୁନିଗୁଡ଼ା,୧୯।୪ (ନନ୍ଦକିଶୋର ପଟ୍ଟନାୟକ)

ରାୟଗଡ଼ା ଜିଲା ମୁନିଗୁଡ଼ା ଯୁବଗୋଷ୍ଠୀଙ୍କୁ ନେଇ ଗଠିତ ବିଙ୍ଗ୍ ସପୋର୍ଟିଭ ଗ୍ରୁପ୍ କ୍ୟାନ୍‌ସର ପୀଡ଼ିତଙ୍କ ପରିବାରକୁ ରାଶନ ସାମଗ୍ରୀ ସହାୟତା କରିଥିବା ଜଣାପଡ଼ିଛି । ମୁନିଗୁଡ଼ା ବ୍ଲକ୍ ଅନ୍ତର୍ଗତ କୁମୁଡ଼ାବାଲି ଗ୍ରାମର ଦୁର୍ଗାପ୍ରସାଦ ପାଢ଼ୀ କ୍ୟାନ୍‌ସରରେ ପୀଡ଼ିତ ହୋଇ ଆନ୍ଧ୍ରପ୍ରଦେଶର ବିଶାଖାପାଟଣାଠାରେ ଏକ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। କୁମୁଡ଼ାବାଲିରେ ରହୁଥିବା ତାଙ୍କ ପରିବାରକୁ ମୁନିଗୁଡ଼ାର ବିଙ୍ଗ୍ ସପୋର୍ଟିଭ ଗ୍ରୁପ୍‌ର ସଭାପତି ବାଳକୃଷ୍ଣ ରଥଙ୍କ ନେତୃତ୍ୱରେ ସଦସ୍ୟ ପ୍ରଦୀପ କୁମାର ରତ୍ନାଲୁ,ରାଜକୁମାର ନାୟକ, ମନୋଜ ସାହୁ, ଚିତ୍ତରଞ୍ଜନ ଦାସ, ବଦ୍ରି ପାତ୍ର, ରଶ୍ମିରଞ୍ଜନ ମଲ୍ଲିକ ପ୍ରମୁଖ ପୀଡ଼ିତଙ୍କ ବାସଭବନକୁ ଯାଇ ୨ମାସ ପର୍ଯ୍ୟନ୍ତ ନିତ୍ୟାବଶ୍ୟକ ରାଶନ ସାମଗ୍ରୀ ସହାୟତା କରିଛନ୍ତି। ଆଗାମୀ ଦିନରେ ଆବଶ୍ୟକସ୍ଥଳେ ଆହୁରି ରାଶନ ସାମଗ୍ରୀ ସହ ଅନ୍ୟାନ୍ୟ ସହାୟତା ଯୋଗାଇବାକୁ ଗ୍ରୁପ୍ ତରଫରୁ ପଦକ୍ଷେପ ନିଆଯିବ ବୋଲି ସଦସ୍ୟମାନେ କହିଛନ୍ତି । ଏହି ପରିବାରକୁ ପ୍ରଶାସନ ଓ ସର୍ବସାଧାରଣ ତୁରନ୍ତ ସହାୟତାର ହାତ ବଢ଼ାଇବାକୁ କୁମୁଡ଼ାବାଲି ଓ ମୁନିଗୁଡ଼ାବାସୀ ନିବେଦନ କରିଛନ୍ତି।



କ୍ୟାନ୍‌ସର ପୀଡିତଙ୍କ ପରିବାରକୁ ଯୁବଗୋଷ୍ଠୀ ରାଶନ ସାମଗ୍ରୀ ଦେଉଛନ୍ତି।

# ବିଶାଳ ଶୋଭାଯାତ୍ରା କରି ବିଜେଡିର ଶକ୍ତି ପ୍ରଦର୍ଶନ







ପ୍ରଚାର ରଥରେ ଜିଲା ପର୍ଯ୍ୟବେକ୍ଷକ ଅତନୁ ସବ୍ୟସାଚୀ, ଜିଲା ସଭାପତି ଏନ୍. ଭାସ୍କର ରାଓ, ଲୋକ ସଭା ପ୍ରାର୍ଥିନୀ କୌଶଲ୍ୟା ହିକ୍‌କା ଓ ବିଧାୟିକା ପ୍ରାର୍ଥିନୀ ଅନସୂୟା ମାଝି ।।

ରାୟଗଡ଼ା,୧୯।୪(ଆଶିଷ ରଞ୍ଜନ ପଣ୍ଡା)

ବିଶାଳ ଶୋଭାଯାତ୍ରା ଏବଂ କର୍ମୀ ସମ୍ମିଳନୀ କରି ଶକ୍ତି ପ୍ରଦର୍ଶନ କରିଛି ରାୟଗଡ଼ା ବିଜେଡି। ପୂର୍ବତନ ଏମ୍‌ପି ତଥା ବିଜେଡି ଜିଲା ସଭାପତି ଏନ୍.ଭାସ୍କର ରାଓଙ୍କ ନେତୃତ୍ୱରେ ଶୁକ୍ରବାର ଏକ ବିଶାଳ ରାଲି ଆୟୋଜିତ ହୋଇଯାଇଛି। ଏଥିରେ ଦଳର ଜିଲା ପର୍ଯ୍ୟବେକ୍ଷକ ଅତନୁ ସବ୍ୟସାଚୀ ନାୟକ ଏବଂ କୋରାପୁଟ ଲୋକ ସଭା ପ୍ରାର୍ଥିନୀ କୌଶଲ୍ୟା ହିକ୍‌କା ଓ ରାୟଗଡ଼ା ବିଧାୟିକା ପ୍ରାର୍ଥିନୀ ଅନସୂୟା ମାଝି ଯୋଗଦେଇଥିଲେ। ଏହି ଅବସରରେ ଆୟୋଜିତ କର୍ମୀ ସମ୍ମିଳନୀରେ ଅତନୁ ଯୋଗଦେଇ ବିରୋଧୀ କଂଗ୍ରେସ ଓ ଭାଜପାର ନେତାଙ୍କୁ ଟାର୍ଗେଟ କରିଛନ୍ତି। କେବଳ ନିର୍ବାଚନ ଆସିଲେ ଭୋଟ ପାଇଁ କଂଗ୍ରେସ ଓ ଭାଜପା ନେତାଙ୍କ ଦର୍ଶନ ମିଳେ ବୋଲି କହିଛନ୍ତି ଅତନୁ । ବିଜେଡି ସରକାର ସମୟରେ କୋରାପୁଟ ଲୋକ ସଭା ଅଧୀନରେ ହୋଇଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଉପରେ ମଧ୍ୟ ଆଲୋକପାତ କରିଥିଲେ । ନବୀନ ପଟ୍ଟନାୟକଙ୍କ ସରକାର ଅମଳରେ ଯେଉଁ ଉନ୍ନତି ହୋଇଛି ତାହା ପୂର୍ବରୁ କେବେ ହୋଇ ନ ଥିଲା ବୋଲି ସେ କହିଛନ୍ତି।

ଜିଲା ସଭାପତି ଏନ୍. ଭାସ୍କର ରାଓଙ୍କ ଅଧ୍ୟକ୍ଷତାରେ ବିଜେଡି ନେତା ଓ କର୍ମୀମାନେ ସ୍ଥାନୀୟ ବସ୍‌ଷ୍ଟାଣ୍ଡ ନିକଟସ୍ଥ ବିଜୁ ପଟ୍ଟନାୟକ ପ୍ରତିମୂର୍ତ୍ତିଠାରୁ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିଥିଲେ। ଏହାପରେ ସ୍ଥାନୀୟ ତେଜସ୍ୱୀ ପଡ଼ିଆରେ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଅତନୁ ସବ୍ୟସାଚୀ ବିଜେଡି ଜିଲା କାର୍ଯ୍ୟାଳୟ ଉଦ୍‌ଘାଟନ କରିଥିଲେ। ଆଇନଜୀବୀ ବାବୁ ରାଜଗୁରୁଙ୍କ ନେତୃତ୍ୱରେ ଶତାଧିକ କଂଗ୍ରେସ କର୍ମୀ ବିଧିବଦ୍ଧ ଭାବେ ବିଜେଡିରେ ଯୋଗଦେଇଥିଲେ । ଏଥିସହ କାର୍ଯ୍ୟକ୍ରମରେ ଏମ୍‌ପି ପ୍ରାର୍ଥୀ କୌଶଲ୍ୟା ହିକ୍‌କା ଓ ବିଧାୟକ ପ୍ରାର୍ଥୀ ଅନସୂୟା ମାଝି ଉପସ୍ଥିତ ରହି ଭୋଟ ଭିକ୍ଷା କରିଥିଲେ। ଶଙ୍ଖ ଚିହ୍ନରେ ଭୋଟଦେଇ ନବୀନ ପଟ୍ଟନାୟକଙ୍କୁ ଷଷ୍ଠ ଥର ମୁଖ୍ୟମନ୍ତ୍ରୀ କରିବା ପାଇଁ ଅତନୁ ଏବଂ ଭାସ୍କରରାଓ ନିବେଦନ କରିଥିଲେ। ୨୦୧୯ ନିର୍ବାଚନରେ ଯେଉଁ ଭୁଲ୍ ଏଠାରେ ହୋଇଥିଲା ତାହାର ପୁନରାବୃତ୍ତି ନ କରିବା ପାଇଁ କହିଥିଲେ। କର୍ମୀ ସମ୍ମିଳନୀରେ ପ୍ରାୟ ୧୦ ହଜାର ଲୋକଙ୍କ ଭିଡ଼ ଜମିଥିଲା। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସହ-ପର୍ଯ୍ୟବେକ୍ଷକ ରଞ୍ଜିତ ରାୟ, ପୂର୍ବତନ ଏମ୍‌ପି ଝିନ୍ନ ହିକ୍‌କା, ଜିଲା ପରିଷଦ ଅଧ୍ୟକ୍ଷା ସରସ୍ୱତୀ ମାଝି, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ଗଙ୍ଗାଧର ପୁଆଲା, ବ୍ଲକ ଅଧ୍ୟକ୍ଷା ଟୁନି ହୁଇକା, ଉପାଧ୍ୟକ୍ଷ ହରପ୍ରସାଦ ହେପୃକା, ପୌରାଧ୍ୟକ୍ଷ ପି. ମହେଶ ପଟ୍ଟନାୟକ, ବିଜେଡି ରାଜ୍ୟ ସମ୍ପାଦକ ଚନ୍ଦ୍ରକାନ୍ତ ସାମଲ, ଅମିୟ ସ୍ୱାଇଁ, ଜିଲା ଉପସଭାପତି ବିନାୟକ କର, ଜିଲା ସମ୍ପାଦକ ଭି. କିରଣ କୁମାର, ବିଜୁ ମହିଳା ଜନତା ଦଳ ସଭାନେତ୍ରୀ ଶ୍ରମିତା ପାଢ଼ୀ, ବିଜୁ ଯୁବ ଜନତା ଦଳ ଜିଲା ସଭାପତି ଅବିନାଶ ବିଷୋୟୀ, ଯୁବନେତା ତପନ ପେଦେଣ୍ଟି, ଯୋଗେଶ ପେଦେଣ୍ଟି ପ୍ରମୁଖ ଉପସ୍ଥିତ ଥିଲେ। ଏହି କର୍ମୀ ସମ୍ମିଳନୀକୁ ଜିଲା ଉପସଭାପତି ବିନାୟକ କର ଓ ଜିଲା ମହିଳା ସଭାନେତ୍ରୀ ଶ୍ରମିତା ପାଢ଼ୀ ପରିଚାଳନା କରିଥିଲେ ।

### ଭାଜପା, କଂଗ୍ରେସ ନେତାଙ୍କୁ ଅତନୁଙ୍କ କଟାକ୍ଷ

## ସଂକ୍ଷେପରେ

### ବିଜେଡିରୁ ଇସ୍ତଫା ଦେଲେ ବିନ୍ଦୁରାଣୀ



ଜୟପୁର, ୧୯।୪ (ପବନ ପାଣିଗ୍ରାହୀ)

ବିଜେଡିରୁ ଇସ୍ତଫା ଦେଇଛନ୍ତି ବରିଷ୍ଠ ନେତ୍ରୀ ବିନ୍ଦୁରାଣୀ ମିଶ୍ର । ଏନେଇ ଶୁକ୍ରବାର ସେ ଜୟପୁର ସୁରିଙ୍ଗାସାହିସ୍ଥିତ ନିଜ ବାସଭବନରେ ଖବରଦାତା ସମ୍ମିଳନୀରେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ସେ ନିଜ ଇସ୍ତଫା ପତ୍ର ଦଳର ସଭାପତିଙ୍କ ନିକଟକୁ ପଠାଇଦେଇଥିବା କହିଛନ୍ତି। ୧୯୯୭ରୁ ବିନ୍ଦୁରାଣୀ ବିଜେଡିର ଜଣେ ଶୃଙ୍ଖଳିତ ସଦସ୍ୟ ରୂପେ କାର୍ଯ୍ୟ କରିଆସୁଥିଲେ। ବିଗତ ଦିନରେ ସେ କାଉନସିଲର, ଏମ୍‌ପି ପ୍ରତିନିଧି, ଜିଲା ପରିଷଦ ସଭ୍ୟା, ଏନ୍‌ଏସିର ପର୍ଯ୍ୟବେକ୍ଷକ ସହ ଜିଲାସ୍ତରୀୟ ବିଭିନ୍ନ ସଙ୍ଗଠନ କାର୍ଯ୍ୟକର୍ତ୍ତା ଭାବେ ଦାୟିତ୍ୱ ତୁଲାଇଛନ୍ତି। ସେ ଜୟପୁର ନିର୍ବାଚନମଣ୍ଡଳୀର ବିଧାୟକ ପ୍ରାର୍ଥୀ ହେବା ପାଇଁ ବହୁବାର ଆବେଦନ କରିଥିଲେ। ଚଳିତ ନିର୍ବାଚନରେ ବିଜେଡି ଜୟପୁରରେ ମହିଳା ପ୍ରାର୍ଥୀ ଦେବାକୁ ନିଷ୍ପତ୍ତି ନେଇଥିଲା। ତାଙ୍କୁ ଦଳ ପ୍ରାର୍ଥୀ କରିବ ବୋଲି ବିନ୍ଦୁରାଣୀ ଆଶା କରିଥିଲେ। ମାତ୍ର ପୂର୍ବତନ ମନ୍ତ୍ରୀ ରବିନାରାୟଣ ନନ୍ଦଙ୍କ ସ୍ତ୍ରୀ ଇନ୍ଦିରା ନନ୍ଦଙ୍କୁ ଦଳ ଟିକେଟ ଦେଇଛି । ଦଳ ପରିବାରବାଦକୁ ଗୁରୁତ୍ୱ ଦେଇଛି ବୋଲି ଅଭିଯୋଗକରି ସେ କହିଛନ୍ତି, ଇନ୍ଦିରା ୨୦୧୯ରୁ ସକ୍ରିୟ ରାଜନୀତିକୁ ଆସିଲେ । ସେ କେବେ ବି କାଉନସିଲର କି ଜିଲା ପରିଷଦ ସଭ୍ୟାଟିଏ ହୋଇନାହାନ୍ତି। ଏସବୁ ତାଙ୍କୁ ବ୍ୟଥିତ କରିଛି। ଫଳରେ ସେ ବିଜେଡିରୁ ଇସ୍ତଫା ଦେଇଛନ୍ତି । ଅନ୍ୟ ଦଳରେ ମିଶିବେ କି ନାହିଁ ସେ ନେଇ ଆଗାମୀ ଦିନରେ ସୂଚନା ଦେବେ ବୋଲି ବିନ୍ଦୁରାଣୀ କହିଛନ୍ତି ।

### ଗୃହପାଳିତ ପ୍ରାଣୀ, ପକ୍ଷୀଙ୍କ ପାଇଁ ଜଳାଭାବ

କୋଟପାଡ଼, ୧୯।୪ (ରାଜଶେଖର ରାଓ)

କୋରାପୁଟ ଜିଲା କୋଟପାଡ଼ ଅଞ୍ଚଳରେ ଦେବାନ ମୁଣ୍ଡା ପୋଖରୀ ଏବଂ ଦମୟନ୍ତୀ ସାଗର ଚଳିତ ବର୍ଷ ପଙ୍କ ପୁନରୁଦ୍ଧାର କାର୍ଯ୍ୟ ଆରମ୍ଭକରି ପ୍ରଶାସନ ଏହି ଦୁଇ ଜଳାଶୟକୁ ସମ୍ପୂର୍ଣ୍ଣ ରୂପେ ଜଳ ନିଷ୍କାସନ କରି ଶୁଖାଇ ଦେଇଛି। ଫଳରେ ଗୃହପାଳିତ ପ୍ରାଣୀ ଏବଂ ପକ୍ଷୀମାନଙ୍କ ପାଇଁ ପାନୀୟ ଜଳର ଅଭାବ ଦେଖାଦେଇଛି। ସହରାଞ୍ଚଳରେ ମଧ ଜଳ ଅଭାବ ଦେଖାଦେଇଛି। ଅନ୍ୟପକ୍ଷରେ ଗତ କିଛିଦିନ ଧରି ଭୀଷଣ ଖରା ଯୋଗୁ କୋଟପାଡ଼ ଅଞ୍ଚଳରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ମଧ୍ୟାହ୍ନ ୧୨ଟା ପରେ ସହର ସମ୍ପୂର୍ଣ୍ଣ ଶୂନ୍‌ଶାନ ହୋଇପଡୁଛି। ଅପରାହ୍ନ ୪ଟା ପରେ ରୌଦ୍ରତାପରୁ କିଛି ପରିମାଣରେ ନିସ୍ତାର ମିଳୁଥିବା ବେଳେ ଗରମ, ଗୁଳୁଗୁଳି ଲାଗିରହୁଛି । ଏଥିସହ ବାରମ୍ବାର ବିଦ୍ୟୁତ୍ କାଟ ଏହାକୁ ଦ୍ୱିଗୁଣିତ କରିଦେଉଛି । ଗତ ୫ ଦିନ ହେବ କୋଟପାଡ଼ ଅଞ୍ଚଳର ତାପମାତ୍ରା ୪୦ ଡିଗ୍ରୀ ରହୁଥିବା ବେଳେ ଶୁକ୍ରବାର ଏହା ୪୨ ଡିଗ୍ରୀ ଛୁଇଁଛି ।

# ଜିଲା ପ୍ରଶାସନକୁ ଭେଟି ଦାବିପତ୍ର ଦେଲେ ଗ୍ରାମବାସୀ

**ପରଜାମୁନ୍ଦାର ଗ୍ରାମରେ ରେଲୱେ ପୁସିଂ ବ୍ରିଜ୍ ଦାବି**

କୋରାପୁଟ, ୧୯।୪ (ଅମିତାଭ ବେହେରା)

କୋରାପୁଟ ବ୍ଲକ ଅଧୀନରେ ଥିବା ପରଜାମୁନ୍ଦାର ଗ୍ରାମରେ ରେଲୱେ ପୁସିଂ ବ୍ରିଜ (ଗଳା ପୋଲ) ନିର୍ମାଣ ଦାବି କରି ଶୁକ୍ରବାର ପରଜାମୁନ୍ଦାର ଗ୍ରାମବାସୀ ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇ ଏକ ଦାବିପତ୍ର ଜିଲାପାଳ ଭି. କିର୍ତ୍ତିଭାସନଙ୍କୁ ପ୍ରଦାନ କରିଛନ୍ତି। ଦାବିପତ୍ରରେ ଗ୍ରାମବାସୀ ଉଲ୍ଲେଖ କରିଛନ୍ତି ଯେ, କୋରାପୁଟ–ବିଶାଖାପାଟଣା ରେଲୱେ ଲାଇନ କୋରାପୁଟ ବ୍ଲକର ବଡ ଶୁକୁ ପଞ୍ଚାୟତର ପରଜାମୁନ୍ଦାର ଦେଇ ଯାଇଛି। ପୂର୍ବରୁ ରେଲୱେ ପକ୍ଷରୁ ଗ୍ରାମବାସୀଙ୍କ ସୁବିଧା ପାଇଁ ଏକ ଲେଭଲ କ୍ରସିଂ ପଏଣ୍ଟ କରାଯାଇଥିଲା । ଏଥିଯୋଗୁ ଗ୍ରାମାବାସୀ ସୁବିଧା ପାଇପାରୁଥିଲେ । ମାତ୍ର ଗତ କିଛି ବର୍ଷ ହେଲା କୋରାପୁଟ– ବିଶାଖାପାଟଣା ରେଳ ଲାଇନର ଦୋହରିକରଣ କାର୍ଯ୍ୟ ଆରମ୍ଭ ହେବା ପରେ ଏହି ଲେଭଲ କ୍ରସିଂ ପଏଣ୍ଟକୁ ବନ୍ଦ କରାଯାଇଛି । ଫଳରେ ପରଜାମୁନ୍ଦାର ଗ୍ରାମବାସୀଙ୍କ ସହ ପିତାଇ, ମାଳିଗୁଡା, ସିରିସି, ଗୁଲେଲପୁଟ, ଗୁନେଇପୁଟ, ବାଲିଆ ଆଦି ଆଖପାଖ ୧୫ରୁ ଉର୍ଦ୍ଧ୍ୱ ଗ୍ରାମର ଗ୍ରାମବାସୀ ଯାତାୟାତ ସହ ଶିକ୍ଷା,ସ୍ୱାସ୍ଥ୍ୟସେବା ଆଦି ପାଇବାରେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ରେଲୱେ ବିଭାଗ ପକ୍ଷରୁ ଏହି ଗ୍ରାମ ନିକଟରେ ଏକ ପୁସିଂ ବ୍ରିଜ କରିବାକୁ ଶୁକ୍ରବାର ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ଦାବିପତ୍ର ପ୍ରଦାନ କରିଛନ୍ତି। ଏ ଦିଗରେ ପଦକ୍ଷେପ ନେବାକୁ ସେମାନେ ଜିଲାପାଳଙ୍କୁ ନିବେଦନ କରିଛନ୍ତି। ସାମାଜିକ କର୍ମୀ ମଣ୍ଟୁ ବେନିଆଙ୍କ ନେତୃତ୍ୱରେ କୋରାପୁଟ ବ୍ଲକର ବଡ ସୁକୁ ପଞ୍ଚାୟତର ନିର୍ବାଚିତ ଲୋକପ୍ରତିନିଧି ଓ ଘେନୁ ହନ୍ତାଳ, ଟିରା ଖାଲପାଡିଆ ଭଗବାନ ଖାଲପାଡିଆ, ନିଳ ଶିଶା, କୁମୁଦ ହନ୍ତାଳ, ରାମ ଜାନି, ଦୀନବନ୍ଧୁ ଖରା, ଲକ୍ଷ୍ମଣ ଝଡିଆ, ମୁକୁନ୍ଦ କିରସାନି, ଦେବ ମାଝି ପ୍ରମୁଖ ଗ୍ରାମବାସୀ ଦାବିପତ୍ର ପ୍ରଦାନବେଳେ ଉପସ୍ଥିତ ଥିଲେ ।



ଦାବିପତ୍ର ଦେବାକୁ ଆସିଥିବା ଗ୍ରାମବାସୀ।

# ସିୟୁଓରେ ଅନ୍ତର୍ଜାତୀୟ ସମ୍ମିଳନୀ ଉଦ୍‌ଘାଟିତ

କୋରାପୁଟ, ୧୯।୪ (ଅମିତାଭ ବେହେରା)

**ଶୀର୍ଷକ ରହିଛି 'ସ୍ଥାୟୀ ଭବିଷ୍ୟତ ପାଇଁ ଜୈବ ବିବିଧତା, କୃଷିର ସାମ୍ପ୍ରତିକ ଅଗ୍ରଗତି'**

କୋରାପୁଟ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ଜୈବ ବିବିଧତା ଏବଂ ପ୍ରାକୃତିକ ସମ୍ପଦ ସଂରକ୍ଷଣ ବିଭାଗ ଦ୍ୱାରା ଆୟୋଜିତ 'ସ୍ଥାୟୀ ଭବିଷ୍ୟତ ପାଇଁ ଜୈବ ବିବିଧତା ଏବଂ କୃଷିର ସାମ୍ପ୍ରତିକ ଅଗ୍ରଗତି' ଶୀର୍ଷକ ୨ଦିନିଆ ଅନ୍ତର୍ଜାତୀୟ ସମ୍ମିଳନୀ ଶୁକ୍ରବାର ଉଦ୍‌ଘାଟିତ ହୋଇଛି। ବିଶ୍ୱବିଦ୍ୟାଳୟର ସୁନାବେଡ଼ାସ୍ଥିତ ମୁଖ୍ୟ କ୍ୟାମ୍ପସରେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ ସମ୍ମିଳନୀକୁ ଉଦ୍‌ଘାଟନ କରିଥିଲେ। ଭାରତୀୟ କୃଷି ଗବେଷଣା ପରିଷଦ (ଆଇସିଏଆର୍)ର ନୂଆଦିଲ୍ଲୀର ଫସଲ ବିଜ୍ଞାନ ବିଭାଗ ଅତିରିକ୍ତ ମହାନିର୍ଦ୍ଦେଶକ ଡ. ଶରତ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଲକ୍ଷ୍ନୌସ୍ଥିତ ନ୍ୟାଶନାଲ ବଟାନିକାଲ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟର ପୂର୍ବତନ ନିର୍ଦ୍ଦେଶକ ପ୍ରଫେସର ସରୋଜକାନ୍ତ ବାରିକ, ଏଫଏମ୍ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଏସ୍.ପି. ଅଧିକାରୀ, ବ୍ରହ୍ମପୁର ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଅମରେନ୍ଦ୍ର ନାରାୟଣ ମିଶ୍ର ଓ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳସଚିବ ପ୍ରଫେସର ନରସିଂହ ଚରଣ ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଜୈବ ବିବିଧତା ଓ ପ୍ରାକୃତିକ ସମ୍ପଦ ସଂରକ୍ଷଣ ବିଦ୍ୟାଳୟର ଡିନ୍ ପ୍ରଫେସର ଶରତ ପାଲିତା, ସମ୍ମିଳନୀର ଆବାହକ ଡ. ଦେବବ୍ରତ ପଣ୍ଡା ଓ ସହ ଆବାହକ ଡ. କାକୋଲି ବାନାର୍ଜୀ ପ୍ରମୁଖ ଅନ୍ୟତମ ଅତିଥି ରୂପେ ମଞ୍ଚାସୀନ ଥିଲେ। ଏହି ଅବସରରେ ଏକ ପୁସ୍ତିକାକୁ ଅତିଥିମାନେ ଉନ୍ମୋଚନ କରିଥିଲେ। କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ କହିଥିଲେ, ଏବେ ଆମ ପରମ୍ପରାକୁ ପୁନରୁଦ୍ଧାର କରିବାର ସମୟ ଆସିଛି । ଆମକୁ ଇକୋସିଷ୍ଟମ ଏବଂ ଜୈବ ବିବିଧତା ସଂରକ୍ଷଣର ପାରମ୍ପରିକ ଢାଞ୍ଚାକୁ ପୁନରୁଦ୍ଧାର କରିବାକୁ ହେବ। ନିଜେ ବଞ୍ଚ ଅନ୍ୟକୁ ବଞ୍ଚିବାକୁ ଦେବା ଆମ ପ୍ରାଚୀନ ଆଦର୍ଶକୁ ଅନୁସରଣ କରିବାକୁ ହେବ ବୋଲି କହିଥିଲେ । ପ୍ରଫେସର ଶରତ ପଲିତା ସମ୍ମିଳନୀର ଉଦ୍ଦେଶ୍ୟ ସମ୍ପର୍କରେ ମତ ରଖିଥିଲେ।




ସମ୍ମିଳନୀରେ ଅତିଥିମାନେ ପୁସ୍ତିକା ଉନ୍ମୋଚନ କରୁଛନ୍ତି।

# ମା' ଖମ୍ବେଶ୍ୱରୀଙ୍କ ଘଟଯାତ୍ରା ଉଦ୍‌ଯାପିତ

ଦଶମନ୍ତପୁର, ୧୯।୪ (ଅରବିନ୍ଦ ନାୟକ)

ଦଶମନ୍ତପୁର ବ୍ଲକରେ ଗତ ୫ ଦିନ ଧରି ଚାଲିଥିବା ମା' ଖମ୍ବେଶ୍ୱରୀଙ୍କ ଘଟଯାତ୍ରା ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ମା' ସୋମବାର ଗ୍ରାମଠାରୁ ପ୍ରାୟ ଦେଢ଼ କି.ମି.ଦୂରରେ ଥିବା ମା ଖମ୍ବେଶ୍ୱରୀ ମନ୍ଦିରଠାରୁ ଯାତ୍ରା ପଡ଼ିଆରେ ଥିବା ଅସ୍ଥାୟୀ ମଣ୍ଡପକୁ ବିଜେ କରିଥିଲେ। ମା' ମଙ୍ଗଳବାରଠାରୁ ପ୍ରତିଦିନ ସନ୍ଧ୍ୟାରେ ପ୍ରତି ସାହିରେ ପୂଜା ଗ୍ରହଣ କରିଥିଲେ। ଗୁରୁବାର ସନ୍ଧ୍ୟାରେ ଗ୍ରାମର ପ୍ରତ୍ୟେକ ଘର ବୁଲି ସାରିବା ପରେ ମା' ଏକ ବିରାଟ ପଟୁଆର ନଗର ର ମୁଖ୍ୟ ରାସ୍ତାରେ ପରିକ୍ରମା କରିଥିଲେ। ଆତସବାଜି ଓ ଢେମସା ନୃତ୍ୟରେ ଉକ୍ତ ଅଞ୍ଚଳ କମ୍ପି ଉଠିଥିଲା। ଶୁକ୍ରବାର ସକାଳୁ ମା'ଙ୍କୁ ବିଦାୟୀ ଦେବା ପାଇଁ ପ୍ରତି ସାହିର ବାସିନ୍ଦାମାନେ ମା'ଙ୍କୁ ନେଇ ନିଜ ମନ୍ଦିରରେ ଛାଡି ଆସିଥିଲେ। ଏହି ସମୟରେ ଛୋଟ ଛୋଟ ଶିଶୁମାନଙ୍କୁ ସୁସ୍ଥ ସବଳ ରହିବା ଲାଗି ରାସ୍ତାରେ ପରିବାର ଲୋକେ ଶୁଆଇଥିଲେ। ମା' ସେମାନଙ୍କ ଉପର ଦେଇ ଚାଲି ଚାଲି ଯାଇଥିଲେ। ଆଇଆଇସି ସୁକୁମା ହାଁସଦାଙ୍କ ନେତୃତ୍ୱରେ ଶାନ୍ତିଶୃଙ୍ଖଳା ରକ୍ଷା ଲାଗି ଦୁଇ ପ୍ଲାଟୁନ ଫୋର୍ସ ମୁତୟନ ହୋଇଥିଲେ। ଯାତ୍ରା କମିଟି ସଭାପତି ଦେବରାଜ ପଟ୍ଟନାୟକଙ୍କ ନେତୃତ୍ୱରେ ସମସ୍ତ ସଦସ୍ୟଙ୍କ ସହାୟତାରେ ଶାନ୍ତି ଶୃଙ୍ଖଳାର ଏହି ଘଟଯାତ୍ରା ଶେଷ ହୋଇଛି।



ଗ୍ରାମବାସୀ ମା'ଙ୍କୁ ସ୍ଥାୟୀ ମନ୍ଦିରକୁ ନେଉଛନ୍ତି।

### ରକ୍ତଦାନ ଶିବିରରୁ ୩୫ ୟୁନିଟ୍ ରକ୍ତ ସଂଗ୍ରହ

ଜୟପୁର, ୧୯।୪ (ପବନ ପାଣିଗ୍ରାହୀ)

ଜୟପୁରସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ଶୁକ୍ରବାର ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲା ଚିକିତ୍ସାଳୟ ପକ୍ଷରୁ ଆୟୋଜିତ ଏହି ଶିବିରରୁ ୩୫ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି । ଶିବିରରେ ଚିକିତ୍ସାଳୟର ଡାକ୍ତର, ନର୍ସ , କର୍ମଚାରୀ, ସିକ୍ୟୁରିଟି ଗାର୍ଡମାନେ ରକ୍ତଦାନ କରିଥିଲେ। ହସ୍ପିଟାଲ ସୁପରିଣ୍ଟେଣ୍ଡେଣ୍ଟ ରବୀନ୍ଦ୍ରନାଥ ମିଶ୍ରଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ବ୍ଲଡ୍ ବ୍ୟାଙ୍କ ଅଫିସର ଡାକ୍ତର ସୂର୍ଯ୍ୟଶେଖର ମିଶ୍ର, ଉମାଶଙ୍କର ଆଚାରୀ, ଆକାଉଣ୍ଟାଣ୍ଟ ସପନ ପାଣିଗ୍ରାହୀ, ମ୍ୟାନେଜର ରୂପସୀ ମଧୁମିତା ନାୟକ, ତଥାଗତ ଦାସ ପ୍ରମୁଖ ପରିଚାଳନା କରିଥିଲେ। ବ୍ଲଡ୍ ବ୍ୟାଙ୍କର ଅଭୟ ପଣ୍ଡା, ବୁଲୁ ଗୌଡ଼ , ମିହିର କର୍କରା ସହଯୋଗ କରିଥିଲେ। ଏବେ ପ୍ରବଳ ଗ୍ରୀଷ୍ମପ୍ରବାହ ଯୋଗୁ ସ୍ୱେଚ୍ଛାକୃତ ରକ୍ତଦାନ କମିଥିବାରୁ ରକ୍ତଭଣ୍ଡାରରେ କମ୍ ପରିମାଣର ରକ୍ତ ଗଚ୍ଛିତ ରହିଛି। ଏହାକୁ ଦୃଷ୍ଟିରେ ରଖି ଜିଲା ଚିକିତ୍ସାଳୟ କର୍ମଚାରୀମାନେ ଶିବିର ଆୟୋଜନ କରି ରକ୍ତଦାନ କରିଥିବା ଜଣାପଡ଼ିଛି।

# ନିଖିଳ ଉତ୍କଳ ଆଳିୟ ଖଣ୍ଡାୟତ ସମାଜର ନୂଆ କର୍ମକର୍ତ୍ତା



ନିର୍ବାଚିତ କର୍ମକର୍ତ୍ତାମାନେ।

ସୁନାବେଡ଼ା, ୧୯।୪ (କୃତ୍ତିବାସ ପ୍ରଧାନ)

**ସଭାପତି ହରିବନ୍ଧୁ ବିଶ୍ୱାଳ, ସାଧାରଣ ସମ୍ପାଦକ ସଞ୍ଜୟ ନାୟକ**

ନିଖିଳ ଉତ୍କଳ ଆଳିୟ ଖଣ୍ଡାୟତ ସମାଜ, ସୁନାବେଡ଼ା ମଣ୍ଡଳର ସାଧାରଣ ନିର୍ବାଚନ ସ୍ଥାନୀୟ ଜବାହର କ୍ଲବ୍‌ଠାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ସଭାପତି ହରିବନ୍ଧୁ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ନିର୍ବାଚନରେ ସୁନାବେଡ଼ା ମଣ୍ଡଳ ଅଧୀନ ୧୩ଟି ପଲ୍ଲୀ ପରିଷଦର ସଦସ୍ୟମାନେ ଅଂଶଗ୍ରହଣ କରିଥିଲେ। କେନ୍ଦ୍ରୀୟ ଆସ୍କା ପରିଷଦର ମୁଖ୍ୟ ନିର୍ବାଚନ ଅଧିକାରୀ ଶିବ ନାହାକ,ସଙ୍ଗଠନ ସମ୍ପାଦକ ସୁନା ବାରିକ, ବରଗାଁ ମଣ୍ଡଳ ସଭାପତି ପବିତ୍ର ଲେଙ୍କା ନିର୍ବାଚନ ପରିଚାଳନା କରିଥିଲେ। ନବ ନିର୍ବାଚିତ କର୍ମକର୍ତ୍ତା ହେଲେ ମଣ୍ଡଳ ସଭାପତି ହରିବନ୍ଧୁ ବିଶ୍ୱାଳ, ଉପସଭାପତି ଶିଶିର ସ୍ୱାଇଁ, ସାଧାରଣ ସମ୍ପାଦକ ସଞ୍ଜୟ ନାୟକ, ସହସମ୍ପାଦକ ନିମାଇଁ ଚରଣ ନାୟକ ଓ ସୁଦାମ ବାରିକ, କୋଷାଧ୍ୟକ୍ଷ ରୂପେ ଜଗନ୍ନାଥ ଲେଙ୍କା ନିର୍ବାଚିତ ହୋଇଛନ୍ତି। କେନ୍ଦ୍ରୀୟ ସଦସ୍ୟଭାବେ ଗୋପୀନାଥ ନାୟକ, କୃଷ୍ଣ ପ୍ରସାଦ ନାୟକ, ଗୋପାଳକୃଷ୍ଣ ସ୍ୱାଇଁ ମନୋନୀତ ହୋଇଛନ୍ତି। ଉପଦେଷ୍ଟା ଭାବେ ସଚ୍ଚିଦାନନ୍ଦ ସ୍ୱାଇଁ, ଅଲେଖ ଜେନା ଓ ନରହରି ଲେଙ୍କା ରହିଛନ୍ତି । ନିର୍ବାଚନ ପ୍ରକ୍ରିୟାରେ ସଞ୍ଜୟ ନାୟକ ,ସନିଆ ନାୟକ ଓ ମିଟୁ ନାୟକ ସହଯାଗ କରିଥିଲେ।

# ଅଗ୍ନି ନିରାପତ୍ତା ନେଇ ହସ୍ପିଟାଲ କର୍ମଚାରୀଙ୍କୁ ତାଲିମ

ଜୟପୁର, ୧୯।୪ (ପବନ ପାଣିଗ୍ରାହୀ)

ଜୟପୁରସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ଅଗ୍ନି ନିରାପତ୍ତା ଉପରେ ସମସ୍ତ କର୍ମଚାରୀ ଶୁକ୍ରବାର ତାଲିମ ନେଇଛନ୍ତି। ଜୟପୁର ଅଗ୍ନିଶମ ବିଭାଗ ପକ୍ଷରୁ ସେମାନଙ୍କୁ ଏହି ତାଲିମ ମିଳିଛି। ହସ୍ପିଟାଲର ଫାୟାର ସେଫ୍ଟି ସୁପରଭାଇଜର ରମାକାନ୍ତ ପାଲ ଓ ଦମକଳ ବିଭାଗର ଫାୟାର ଅଫିସର ତାଲିମ ଦେଇଥିଲେ। ଅଚାନକ ଯଦି ହସ୍ପିଟାଲରେ ଅଗ୍ନିକାଣ୍ଡ ଘଟେ କିପରି ମୁକାବିଲା କରାଯାଇପାରିବ ସେ ନେଇ ତାଲିମ ପ୍ରଦାନ କରାଯାଇଥିଲା। ଡାକ୍ତର, ନର୍ସ, ହସ୍ପିଟାଲର ସମସ୍ତ କର୍ମଚାରୀ, ସୁରକ୍ଷା କର୍ମୀ ତାଲିମ ନେଇଥିଲେ । ତାଲିମ ବେଳେ ସୁପରିଣ୍ଟେଣ୍ଡେଣ୍ଟ ରବୀନ୍ଦ୍ରନାଥ ମିଶ୍ର, ହସ୍ପିଟାଲ ମ୍ୟାନେଜର ରୂପସୀ ନାୟକ, ତଥାଗତ ଦାସ ପ୍ରମୁଖ ଉପସ୍ଥିତ ଥିଲେ।



ଅଗ୍ନିଶମ କର୍ମଚାରୀ ତାଲିମ ଦେଉଛନ୍ତି।

### ଦେଶୀ ମଦ ଚାଲାଣ ବେଳେ ଚଢାଉ

ଜୟପୁର, ୧୯।୪ (ପବନ ପାଣିଗ୍ରାହୀ)

ଦେଶୀ ମଦ ଚୋରାଚାଲାଣ ବେଳେ ଜୟପୁର ଅବକାରୀ ବିଭାଗ କର୍ମଚାରୀ ଶୁକ୍ରବାର ଚଢାଉ କରି ଜଣଙ୍କୁ ଗିରଫ କରିଛନ୍ତି। ସେ ହେଲେ ବୋରିଗୁମ୍ମା ବ୍ଲକ ମୁଣ୍ଡିଗୁଡା ଗ୍ରାମର ବିଭିଷଣ ଗୌଡ (୨୭)। ବିଭିଷଣ ଦେଶୀ ମଦ ଚୋରାଚାଲାଣ କରୁଥିବା ସୂଚନା ପାଇ ଚାଲାଣଗୁଡା ଗ୍ରାମ ରାସ୍ତାରେ କର୍ମଚାରୀମାନେ ଚଢାଉ କରି ତାଙ୍କୁ ଧରିଥିଲେ। ତାଙ୍କଠାରୁ ୧୪ ଲିଟର ଦେଶୀ ମଦ ଜବତ ହୋଇଛି। ଗିରଫ ପରେ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ଅବକାରୀ ନିରୀକ୍ଷକ ଶଶିକାନ୍ତ ଦତ୍ତ କହିଛନ୍ତି ।

# ଲକ୍ଷ୍ମୀପ୍ରିୟାଙ୍କୁ ଭବ୍ୟ ସ୍ୱାଗତ

ମାଲକାନଗିରି, ୧୯।୪ (ନୃସିଂହ ଚରଣ ମହାନ୍ତି)

ଚିତ୍ରକୋଣ୍ଡା ବିଧାନସଭା ନିର୍ବାଚନ ମଣ୍ଡଳୀର ପ୍ରାର୍ଥୀ ଲକ୍ଷ୍ମୀପ୍ରିୟା ନାୟକଙ୍କୁ ଶୁକ୍ରବାର ଭବ୍ୟ ସ୍ୱାଗତ କରିଛନ୍ତି ମାଲକାନଗିରି ଜିଲା ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳୀ ଜନସାଧାରଣ। ଲକ୍ଷ୍ମୀପ୍ରିୟା ଭୁବନେଶ୍ୱରରୁ ଆସି ଏଠାରେ ପହଞ୍ଚିଥିଲେ। ତାଙ୍କୁ ୨ହଜାରରୁ ହଜାରରୁ ପାଛୋଟି ନେଇଥିଲେ। ଲକ୍ଷ୍ମୀପ୍ରିୟା ରାଜ୍ୟ ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ ଯୋଜନାକୁ ଲୋକଙ୍କୁ ଅବଗତ କରି ନିର୍ବାଚନୀ ପ୍ରଚାର କରିବେ ବୋଲି କହିଛନ୍ତି। ଗୋବିନ୍ଦପାଲିଠାରୁ ମାଥିଲି, ଖାଇରପୁଟ, କୁଡୁମୁଲୁଗୁମା, ବାଲିମେଳା ଦେଇ ଶୋଭାଯାତ୍ରାରେ ଲୋକେ ତାଙ୍କୁ ପାଛୋଟି ନେଇଥିଲେ। ଏହି ଶୋଭାଯାତ୍ରାରେ ବିଜୁ ଜନତା ଦଳ ଉପଦେଷ୍ଟା ରାଜେନ୍ଦ୍ର ପଣ୍ଡା, ଉପ ସଭାପତି ନୃସିଂହ ମହାନ୍ତି, ରାଜ୍ୟ ଯୁବ ସମ୍ପାଦିକା ମୁସ୍କାନ ଦେବେନାଥ, ନିର୍ବାଚନ ମଣ୍ଡଳୀ ଅବଜର୍ଭର ରାଧାବିନୋଦ ସାମନ୍ତରାୟ, ସମସ୍ତ ବ୍ଲକ ସଭାପତି ସରପଞ୍ଚ ସମିତିମେମ୍ବର, ଅଧ୍ୟକ୍ଷମାନେ ଉପସ୍ଥିତ ଥିଲେ।



ଲକ୍ଷ୍ମୀପ୍ରିୟାଙ୍କୁ ଶୋଭାଯାତ୍ରାରେ ପାଛୋଟି ନିଆଯାଉଛି।

# ବିଦ୍ୟୁତ୍ ସମସ୍ୟା ଯୋଗୁ ଦୁର୍ଦ୍ଦଶା ଭୋଗୁଛନ୍ତି ଗ୍ରାମବାସୀ

ବାଲିମେଳା, ୧୯।୪ (ଶିବଦତ୍ତ ସାହୁ)

- ଅଭିଯୋଗ ପରେ ନୀରବଦ୍ରଷ୍ଟା ସାଜିଛନ୍ତି ବିଭାଗୀୟ କର୍ତ୍ତୃପକ୍ଷ
- ସମସ୍ୟା ସମାଧାନ ନ ହେଲେ ସମୂହ ଧାରଣା ଦେବାକୁ ଚେତାବନୀ
- ଅସହ୍ୟ ଗରମରେ ସନ୍ତୁଳି ହେଉଛନ୍ତି ୭୫ ପରିବାରର ଲୋକେ

ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ଚିତାପାରି –୩ ପଞ୍ଚାୟତ ଅଧୀନ ଏମଭି ୧୦୮ ଗ୍ରାମରେ ଦୀର୍ଘ ବର୍ଷ ଧରି ବିଦ୍ୟୁତ୍ ଯୋଗାଣ ସମସ୍ୟା ଲାଗିରହିଛି। ଗ୍ରାମବାସୀଙ୍କ କହିବାନୁଯାୟୀ ଏହି ଗ୍ରାମରେ ବଙ୍ଗୀୟ ସମ୍ପ୍ରଦାୟର ପ୍ରାୟ ୭୫ ପରିବାରରେ ୪୫୦ରୁ ଉର୍ଦ୍ଧ୍ୱ ଲୋକ ବସବାସ କରୁଛନ୍ତି। ଗ୍ରାମରେ ପ୍ରାୟ ୭୦ରୁ ଉର୍ଦ୍ଧ୍ୱ ବିଦ୍ୟୁତ ଉପଭୋକ୍ତା ଅଛନ୍ତି। ଆଜକୁ ପ୍ରାୟ ଦୁଇ ବର୍ଷ ହେବ ବିଦ୍ୟୁତ ଲୋ ଭୋଲ୍ଟେଜ ଯୋଗୁ ଗ୍ରାମବାସୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ନିୟମିତ ଲୋ ଭୋଲ୍ଟେଜ ରହିବା ଯୋଗୁ ବିଶେଷ କରି ଖରା ଦିନେ ଘରୋଇ ଉପକରଣ ଲାଇଟ, ପଙ୍ଖା, ପାଣି ମୋଟର, କୁଲର ଆଦି ନିତ୍ୟ ବ୍ୟବହାରିକ ଜିନିଷଗୁଡିକ ଆଦୌ କାର୍ଯ୍ୟକାରୀ ହୋଇ ପାରୁନାହିଁ। ଏଥିଯୋଗୁ ମୁଖ୍ୟତଃ ପିଇବା ପାଣି, ପିଲାଙ୍କ ପାଠପଢାରେ ସମସ୍ୟା ସୃଷ୍ଟି ହେଉଛି । ବର୍ତ୍ତମାନ ମାଲକାନଗିରି ଜିଲାରେ ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ଯୋଗୁ ଅସହ୍ୟ ଗରମ ଜାରି ରହିଥିବା ବେଳେ ବିଦ୍ୟୁତ୍ ସମସ୍ୟା ଏହାକୁ ଦ୍ୱିଗୁଣିତ କରିଛି ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି । ଏ ସମ୍ବନ୍ଧରେ ଗ୍ରାମବାସୀ ବହୁବାର ବାଲିମେଳା ଟିପିଏସଓଡିଏଲ କାର୍ଯ୍ୟାଳୟରେ କନିଷ୍ଠଯନ୍ତ୍ରୀ, ଏସଡ଼ିଓଙ୍କୁ ଭେଟି ଲିଖିତ ଅଭିଯୋଗପତ୍ର ପ୍ରଦାନ କରିଛନ୍ତି। ମାତ୍ର ୨ମାସ ତଳେ ବିଭାଗ ପକ୍ଷରୁ ଏକ ୨୫ କେଭିର ୩ ଫେଜର ଟ୍ରାନ୍ସଫର୍ମର ଯୋଗାଇ ଦେଇଛନ୍ତି ଅଥଚ ଉପଭୋକ୍ତାଙ୍କୁ ବିଦ୍ୟୁତ୍ ଯୋଗାଇବା ପାଇଁ ୩ ଫେଜର କେବୁଲ ବିଭାଗ ଯୋଗାଇ ନାହିଁ। ଗତ ୨୮।୩।୨୪ରେ ବିଭାଗୀୟ ଏସଡ଼ିଓ ଦେବାଶିଷ ପଣ୍ଡା ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇ ୧୦ ଦିନ ମଧ୍ୟରେ ସମସ୍ୟାର ସମାଧାନ କରାଯିବ ବୋଲି ଗ୍ରାମବାସୀଙ୍କୁ କହିଥିଲେ। ଏଯାବତ୍ ସେ ପ୍ରତିଶ୍ରୁତି ରଖିନାହାନ୍ତି। ଏହାର ସ୍ଥାୟୀ ସମାଧାନ ପାଇଁ ଗ୍ରାମବାସୀ ବାରମ୍ବାର ବିଭାଗୀୟ କର୍ତ୍ତୃପକ୍ଷ ଓ ନିର୍ବାଚିତ ଜନ ପ୍ରତିନିଧିଙ୍କ ପାଖରେ ଜଣାଇ ଆସୁଥିଲେ ସୁଦ୍ଧା କେହି ଶୁଣୁ ନ ଥିବା ଗ୍ରାମର ସଭାପତି ରଞ୍ଜିତ ସାନା,ସମ୍ପାଦକ କମଲେଶ ସର୍ଦ୍ଦାର, ବଳରାମ ଅଧିକାରୀ, ରଘୁନାଥ ସର୍ଦ୍ଦାର, ଜୟଦେବ ଘୋଷ, ତପନ ଗାଏନ, ଜଗନ୍ନାଥ କର୍ମକାର, ତାରକ ଲାଲା, ପ୍ରହ୍ଲାଦ ବୈରାଗୀ ପ୍ରମୁଖ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ତୁରନ୍ତ ଗ୍ରାମରେ ଲାଗି ରହିଥିବା ବିଦ୍ୟୁତ୍ ସମସ୍ୟାର ସମାଧାନ ନ ହେଲେ ଆଗାମୀ ଦିନରେ ଗ୍ରାମବାସୀ ବିଭାଗୀୟ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ବିଦ୍ୟୁତ୍ ବିଭାଗ ଏସଡ଼ିଓ ଦେବାଶିଷ ପଣ୍ଡାଙ୍କୁ ପଚାରିବାରୁ ସେ କହିଲେ, ନୂଆ କେବୁଲ ପାଇଁ ଏମଆରପ୍ରୋଜେକ୍ଟ ସ୍କିମରେ ପ୍ରୋପୋଜାଲ ପଠାଯାଇଛି। ଶୀଘ୍ର କେବୁଲ ଆଣିବା ପାଇଁ ଉଦ୍ୟମ କରାଯାଉଛି। ଗ୍ରାମରେ ଥିବା ଏଲଆଇ ପଇଣ୍ଟରେ ଲଗାଯାଥିବା ୬୩ କେଭିର ଟ୍ରାନ୍ସଫର୍ମରରୁ ୩ ଫେଜ କେବୁଲ ଟାଣି ଲୋକଙ୍କୁ ବିଦ୍ୟୁତ୍ ଯୋଗାଣ ହେବ। ନୂଆ କେବୁଲ ଆସିବା ପରେ ଗ୍ରାମରେ ଆଉ ଦୁଇଟି ଖୁଣ୍ଟ ପୋତି ଲୋକଙ୍କୁ ବିଦ୍ୟୁତ୍ ଯୋଗାଇ ଦିଆଯିବ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, ପ୍ରାୟ ୨୦ ବର୍ଷ ତଳେ ଏହି ଗ୍ରାମବାସୀଙ୍କୁ ବିଦ୍ୟୁତ୍ ସେବା ଯୋଗାଇ ଦେବାକୁ ବିଭାଗ ପକ୍ଷରୁ ଗ୍ରାମରେ ଏକ ୨୫ କେଭିର ଯାହାକି ୨ଫେଜର ଟ୍ରାନ୍ସଫର୍ମର ଲଗାଯାଇ ଲୋକଙ୍କୁ ବିଦ୍ୟୁତ ଯୋଗାଣ ହୋଇଥିଲା। ଘର ଘରକୁ ସଂଯୋଗ କରାଯାଇଥିବା କେବୁଲଗୁଡିକ ୨୦ ବର୍ଷ ତଳର ପୁରୁଣା ହୋଇଥିବାରୁ ସେଗୁଡିକ ନଷ୍ଟ ହୋଇଗଲାଣି। ସେଗୁଡିକୁ ଖଣ୍ଡ ଖଣ୍ଡ କରି ବିଭିନ୍ନ ସ୍ଥାନରେ ବିଭାଗ ପକ୍ଷରୁ ଯୋଡ଼ା ଯାଇଥିବାରୁ ବର୍ତ୍ତମାନ ତାହା ବିପଦସଙ୍କୁଳ ଅବସ୍ଥାରେ ଝୁଲି ରହିଛି।



ଅଭିଯୋଗ କରୁଥିବା ଗ୍ରାମବାସୀ

**ସଂକ୍ଷେପରେ**

## ଛାତ୍ରୀଙ୍କୁ ଅଶାଳୀନ ବ୍ୟବହାର କରି ଶିକ୍ଷକ ନିଲମ୍ବିତ

ଦାରିଙ୍ଗବାଡି, ୧୯।୪ (ଅରୁଣ ସାହୁ)

କନ୍ଧମାଳ ଜିଲା ଦାରିଙ୍ଗବାଡି ଥାନା ଅଞ୍ଚଳରେ ଏକ ଛାତ୍ରୀନିବାସରେ ଜଣେ ଛାତ୍ରୀଙ୍କୁ ଅଶାଳୀନ ବ୍ୟବହାର କରି କାର୍ଯ୍ୟରତ ଶିକ୍ଷକ ନିଲମ୍ବିତ ହୋଇଛନ୍ତି। ତାଙ୍କ ବିରୋଧରେ ଦାରିଙ୍ଗବାଡି ଥାନାରେ ବିଇଓ ଲିଖିତ ଅଭିଯୋଗ କରିଛନ୍ତି। ଘଟଣାଟି ୧ ମାସ ବିତିଯାଇଥିବା ଜଣାପଡିଛି। ପ୍ରକାଶ ଯେ, ମାର୍ଚ୍ଚ ୧୩ରେ ଛାତ୍ରୀନିବାସ ଭିତରେ ଶିକ୍ଷକ ଜଣକ ଛାତ୍ରୀଙ୍କୁ ଅଶାଳୀନ ବ୍ୟବହାର କରିଥିଲେ। ଏହାକୁ ଅନ୍ୟ ଶିକ୍ଷୟିତ୍ରୀଙ୍କ ନଜରକୁ ଆସିଥିଲା ଏବଂ ଶିକ୍ଷୟିତ୍ରୀ ଏନେଇ ଜିଲା ପ୍ରଶାସନକୁ ଲିଖିତ ଅବଗତ କରିଥିଲେ। ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଘଟଣାର ତଦନ୍ତ କରାଯାଇଥିଲା। ଏଥିରେ ସମ୍ପୃକ୍ତ ଶିକ୍ଷକଙ୍କୁ ନିଲମ୍ବିତ କରାଯିବା ସହ ତାଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଜିଲା ପ୍ରଶାସନ ବିଇଓଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ ଯେ, ଏହି ମାମଲାରେ ନିଲମ୍ବିତ ଶିକ୍ଷକ କୁଆଡ଼େ ପଞ୍ଚାୟତ ନିର୍ବାଚନ ସମୟରେ ନିଲମ୍ବିତ ହୋଇ ଅଳ୍ପ କିଛି ମାସ ତଳେ କାର୍ଯ୍ୟରେ ଯୋଗଦାନ କରିଥିଲେ। ସେ ସ୍କୁଲ ଓ ଗଣଶିକ୍ଷା ବିଭାଗର ଶିକ୍ଷକ ହୋଇଥିବା ବେଳେ ଶିକ୍ଷକ ଅଭାବରୁ ତାଙ୍କୁ ଜିଲା ମଙ୍ଗଳ ବିଭାଗର ଏକ ବିଦ୍ୟାଳୟରେ ନିଯୁକ୍ତି ଦିଆଯାଇଥିଲା।

## ୪୩ ଡିଗ୍ରୀ ଛୁଇଁଲା ମାଲକାନଗିରି ତାପମାତ୍ରା

### ଜନଜୀବନ ଅସ୍ତବ୍ୟସ୍ତ

ମାଲକାନଗିରି, ୧୯।୪ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲାରେ ଗ୍ରୀଷ୍ମ ପ୍ରଭାବ ଦିନକୁ ଦିନ ବଢ଼ିବାରେ ଲାଗିଛି। ୨ ଦିନ ଧରି ମାଲକାନଗିରି ଜିଲାରେ ତାପମାତ୍ରା ୪୦ ଡିଗ୍ରୀରୁ ଅଧିକ ରହୁଛି। ଶୁକ୍ରବାର ମାଲକାନଗିରି ଜିଲାରେ ତାପମାତ୍ରା ୪୩ ଡିଗ୍ରୀ ରହିଥିଲା। ଅତ୍ୟଧିକ ଗରମରେ ଜନସାଧାରଣ ଅସ୍ତବ୍ୟସ୍ତ ହୋଇ ପଡୁଛନ୍ତି। ଦିନ ୧୦ଟା ସୁଦ୍ଧା ବଜାର, ରାସ୍ତା ଘାଟ ଶୁନଶାନ ହୋଇପଡ଼ିଥିବା ଦେଖିବାକୁ ମିଳିଛି। ସ୍କୁଲ ବନ୍ଦ ଥିବାରୁ ଛାତ୍ରୀଛାତ୍ରଙ୍କୁ ମଧ୍ୟ ରାସ୍ତାରେ ଦେଖିବାକୁ ମିଳୁନି। ପ୍ରଚଣ୍ଡ ରୁଦ୍ରତାପ ସହ ଗାଁ ଗହଳିରେ ପାନୀୟ ଜଳ ସମସ୍ୟା ଲୋକଙ୍କ ସମସ୍ୟାକୁ ବଢ଼ାଇ ଦେଉଛି। ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି। ଜିଲା ପ୍ରଶାସନ ପକ୍ଷରୁ ସଦର ମହକୁମା ଓ ୭ ବ୍ଲକରେ ଜଳଛତ୍ର ବ୍ୟବସ୍ଥା କରାଯାଇଛି। ଅଂଶୁଘାତ ମୁକାବିଲା ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟରେ ସ୍ୱତନ୍ତ୍ର ଅଂଶୁଘାତ କକ୍ଷ ପ୍ରସ୍ତୁତ ରହିଛି। ସେଠାରେ ସମସ୍ତ ପ୍ରକାର ସୁବିଧା ସୁଯୋଗ ବ୍ୟବସ୍ଥା କରାଯାଇଛି। ଗ୍ରୀଷ୍ମ ପ୍ରଭାବର ମୁକାବିଲା ନେଇ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି କରାଯାଇଛି।

# ପାଟ୍ରୋଲିଂ, ଯାଞ୍ଚରେ ନିୟୋଜିତ ହୋଇଛନ୍ତି ୨୪ ସ୍କ୍ୱାଡ

**ଏସ୍‌ପିଙ୍କ ଖବରଦାତା ସମ୍ମିଳନୀ**

- ନବରଙ୍ଗପୁର ଜିଲାର ୯୯୩ ବୁଥ୍‌ରୁ ୬୨ ମାଓବାଦୀ ପ୍ରବଣ, ସମ୍ବେଦନଶୀଳ
- ଛତିଶଗଡ଼ ସୀମାନ୍ତ ଅଞ୍ଚଳରେ ଯାଞ୍ଚ କଡ଼ାକଡ଼ି

ନବରଙ୍ଗପୁର, ୧୯।୪ (ସଦାଶିବ ପ୍ରହରାଜ)



ଖବରଦାତା ସମ୍ମିଳନୀରେ ଏସ୍‌ପି ଓ ଅନ୍ୟ ଅଧିକାରୀମାନେ।

ମେ ୧୩ ତାରିଖରେ ନବରଙ୍ଗପୁର ଜିଲାରେ ସାଧାରଣ ନିର୍ବାଚନ ହେବ। ଅବାଧ ଓ ଶାନ୍ତିଶୃଙ୍ଖଳାରେ ନିର୍ବାଚନ କାମ ଶେଷ କରିବାକୁ ପୋଲିସ ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆଯାଉଛି। ସୀମାନ୍ତରେ ଯାଞ୍ଚ କଡ଼ାକଡ଼ି ସହ ମଦ ଗଞ୍ଜେଇ ଚାଲାଣ ରୋକିବାକୁ ପାଟ୍ରୋଲିଂ କରାଯାଉଛି ବୋଲି ନବରଙ୍ଗପୁର ଏସ୍‌ପି ରୋହିତ ବର୍ମା ଜିଲା ଶୁକ୍ରବାର ପୋଲିସ ମୁଖ୍ୟାଳୟ ବୈଠକ ଗୃହରେ ଏକ ଖବରଦାତା ସମ୍ମିଳନୀ କରି ସୂଚନା ଦେଇଛନ୍ତି।

ନବରଙ୍ଗପୁର ଜିଲାର ୪ ବିଧାନସଭା ନିର୍ବାଚନମଣ୍ଡଳୀର ୯୯୩ ବୁଥ୍‌ରେ ଭୋଟର ମତଦାନ କରିବେ। ସେଥି ମଧ୍ୟରୁ ୬୨ ଟି ମାଓବାଦୀପ୍ରବଣ ଓ ସମ୍ବେଦନଶୀଳ ବୁଥ୍ ରହିଛି। ଉକ୍ତ ବୁଥ୍‌ରେ ସକାଳ ୭ରୁ ଅପରାହ୍ନ ୪ ଟା ପର୍ଯ୍ୟନ୍ତ ମତଦାନ ହେବ। ଅବଶିଷ୍ଟ ୯୩୧ ବୁଥ୍‌ରେ ସକାଳ ୭ରୁ ସନ୍ଧ୍ୟା ୬ ଟା ପର୍ଯ୍ୟନ୍ତ ମତଦାନ ହେବ ବୋଲି ଏସ୍‌ପି ସୂଚନା ଦେଇଛନ୍ତି। ଉମରକୋଟ ବିଧାନସଭା ନିର୍ବାଚନମଣ୍ଡଳୀରେ ୨୨, ଝରିଗାଁ ବିଧାନସଭା ନିର୍ବାଚନମଣ୍ଡଳୀରେ ୨୬, ନବରଙ୍ଗପୁର ବିଧାନସଭା ନିର୍ବାଚନ ମଣ୍ଡଳୀରେ ୧୦ ଓ ଡାବୁଗାଁ ବିଧାନସଭା ନିର୍ବାଚନମଣ୍ଡଳୀରେ ୪ଟି ମାଓବାଦୀପ୍ରବଣ, ସମ୍ବେଦନଶୀଳ ବୁଥ୍ ରହିଛି। ଜିଲାର ସୀମାନ୍ତ ଉମରକୋଟ, ରାଇଘର ଓ କୁନ୍ଦେଇ ଥାନା ଅଧୀନରେ ଅଧିକ ସମ୍ବେଦନଶୀଳ ବୁଥ୍ ରହିଛି । ଛତିଶଗଡ଼ ରାଜ୍ୟର ବସ୍ତର, ଗରିଆବନ୍ଧ, କୋଣ୍ଡାଗାଁ ଓ ଧମତରି ଜିଲା ନବରଙ୍ଗପୁର ଜିଲାକୁ ଲାଗି ରହିଛି। ତେଣୁ କୁନ୍ଦେଇ, ତେଲତାଣ୍ଡି, ସିଂସାରି, ତାରାପୁର, ଦାଣ୍ଡସରା ଓ ଜିଲା ସୀମାର ଇନ୍ଦ୍ରାବତୀ ନଦୀ ପୋଲ ନିକଟ, ମଇଦଲପୁର ଓ ଖାତିଗୁଡ଼ା ଚେକ ପୋଷ୍ଟରେ ଯାଞ୍ଚ କଡାକଡି ରହିଛି। ପାଟ୍ରୋଲିଂ ଓ ଯାଞ୍ଚରେ ୨୪ ସ୍କ୍ୱାଡ୍ ରହିଛନ୍ତି। ଆର୍ମସ ଆକ୍ଟରେ ଅଣ ପଞ୍ଜୀକୃତ ବନ୍ଧୁକ ରଖିଥିବା ନେଇ ୨ ଟି ମାମଲା ରୁଜୁ ହୋଇଛି। ଏଯାଏ ଲାଇସେନ୍ସପ୍ରାପ୍ତ ବନ୍ଧୁକ ସମ୍ପୃକ୍ତ ଥାନା ଅଞ୍ଚଳରେ ଜମା କରିଛନ୍ତି। ଜିଲାରେ ମଦ ଓ ଗଞ୍ଜେଇ ଚାଲାଣ ଉପରେ ବ୍ୟାପକ ଯାଞ୍ଚ କରାଯାଉଛି। ଏଯାଏ ୭୦ କିଲୋ ଗଞ୍ଜେଇ ଜବତ ହୋଇଛି ବୋଲି ଏସ୍‌ପି ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଏହି ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ଗୁଇନ୍ଦା ବିଭାଗ ଡିଏସ୍‌ପି ମନୋଜ କୁମାର ପୂଜାରୀ, ନବରଙ୍ଗପୁର ଏସ୍‌ଡିପିଓ କୃଷ୍ଣଚନ୍ଦ୍ର ଭତ୍ରା ଓ ଥାନା ଅଧିକାରୀ ସମ୍ବିତ କୁମାର ବେହେରା ଉପସ୍ଥିତ ଥିଲେ।

# ନବରଙ୍ଗପୁର ମଣ୍ଡିରେ କର୍ନାଟକ ମାଣ୍ଡିଆ ଭର୍ତ୍ତି ଟ୍ରକ୍

ନବରଙ୍ଗପୁର, ୧୯।୪ (ସଦାଶିବ ପ୍ରହରାଜ)

- ୩୫୦ କୁଇଣ୍ଟାଲ ମାଣ୍ଡିଆ ଜବତ
- ଯୋଗାଣ ବିଭାଗ ତଦନ୍ତ ଆରମ୍ଭ

କର୍ନାଟକରୁ ମାଣ୍ଡିଆ ନେଇ ଆସିଥିବା ଏକ ଟ୍ରକ୍‌କୁ ଶୁକ୍ରବାର ନବରଙ୍ଗପୁର ମାଣ୍ଡିଆ ମଣ୍ଡିରୁ ଜବତ କରାଯାଇଛି। ଉକ୍ତ ଟ୍ରକ୍‌ରେ ୩୫୦ କୁଇଣ୍ଟାଲ ମାଣ୍ଡିଆ ଥିଲା। ଉକ୍ତ ମାଣ୍ଡିଆ ଜବତ ପରେ ଯୋଗାଣ ବିଭାଗ ତଦନ୍ତ ଆରମ୍ଭ କରିଛି। ଜିଲା ଯୋଗାଣ ଅଧିକାରୀ ଅଜୟ କୁମାର ମଲ୍ଲିକ, ଅତିରିକ୍ତ ଜିଲା ଯୋଗାଣ ଅଧିକାରୀ ମିଳନ କୁମାର ମାଝି, ଯୋଗାଣ ନିରୀକ୍ଷକ ସୀତାକାନ୍ତ ରାଉତ ଓ ରାଜେଶ ଶବର ଏହାର ତଦନ୍ତ କରୁଛନ୍ତି।

କୃଷି ବିଭାଗରୁ ମିଳିଥିବା ସୂଚନାନୁଯାୟୀ ୨୦୨୩-୨୪ ଖରିଫ ବର୍ଷରେ ନବରଙ୍ଗପୁର ଜିଲାରେ ୮୦୧୧ ହେକ୍ଟର ଜମିରେ ୧୫, ୩୨୦ ଜଣ ଚାଷୀ ମାଣ୍ଡିଆ ଚାଷ କରିଥିଲେ। ଜିଲାରେ ଚାଷୀଙ୍କଠାରୁ ମାଣ୍ଡିଆ ସଂଗ୍ରହ କରିବା ପାଇଁ ସ୍ୱେଚ୍ଛାସେବୀ ସଙ୍ଗଠନ ଏଫ୍‌ପିଓଙ୍କୁ ଦାୟିତ୍ୱ ଦିଆଯାଇଛି। ଉକ୍ତ ଏଫ୍‌ପିଓ ଚାଷୀଙ୍କଠାରୁ ମଣ୍ଡି ମାଧ୍ୟମରେ ମାଣ୍ଡିଆ ସଂଗ୍ରହ କରି ଟିଡିସିସିକୁ ବିକ୍ରି କରିବା ନିୟମ ରହିଛି। ତେବେ ବାହାର ରାଜ୍ୟରୁ ଆସିଥିବା ମଣ୍ଡିଆକୁ ଆର୍‌ଏମ୍‌ସିର ଗୋଦାମକୁ ଦିଆଯାଇଛି। ଶୁକ୍ରବାର ଉକ୍ତ ଗୋଦାମ ନିକଟରେ ଏକ ଟ୍ରକ୍ (ଏପି-୩୯ଭିଇ-୧୫୭୮)ରେ ମାଣ୍ଡିଆ ଭରି ହୋଇ ରହିଥିଲା। ସନ୍ଦେହ ହେବାରୁ ଉକ୍ତ ଗାଡ଼ିର ଡ୍ରାଇଭର ଏମ୍.ନାଗରାଜ ଓ ହେଲ୍‌ପର ମହମ୍ମଦ ଆଲ୍ଲୀଙ୍କୁ ପଚାରିବାରୁ କର୍ନାଟକର ଗେରୀବିଡନୁରରୁ ଏହି ମାଣ୍ଡିଆ ଆସିଥିବା ସେମାନେ କହିଥିଲେ। ତେବେ ଚାଷୀଙ୍କଠାରୁ ମାଣ୍ଡିଆ ସଂଗ୍ରହ ହେବାର ନିୟମ ଥିବାବେଳେ ଏହି ମାଣ୍ଡିଆ କର୍ନାଟକରୁ କିପରି ଉକ୍ତ ଗୋଦାମକୁ ଆସିଲା ସେ ନେଇ ସନ୍ଦେହ ହୋଇଥିଲା। ଏ ନେଇ ଜିଲାପାଳଙ୍କ ସହ ଯୋଗାଯୋଗ କରି ଉକ୍ତ ଗାଡ଼ିକୁ ଅଟକ ରଖିବା ସହ ମାଣ୍ଡିଆକୁ ଜବତ କରାଯାଇଛି ବୋଲି ଆର୍‌ଏମ୍‌ସି ସମ୍ପାଦକ କପିଳେନ୍ଦ୍ର ସାମଲ କହିଛନ୍ତି। କେବଳ ନବରଙ୍ଗପୁର ବ୍ଲକର ଚାଷୀଙ୍କ ଠାରୁ ହିଁ କିଣିବାର ନିୟମ ଥିବା ବେଳେ ବାହାର ରାଜ୍ୟରୁ ମାଣ୍ଡିଆ ଆସିବା କଥା ନୁହଁ ବୋଲି ସେ କହିଛନ୍ତି। ଏହି ଘଟଣାର ତଦନ୍ତ କରାଯାଉଛି। ଜବତ ମଣ୍ଡିଆର ମୂଲ୍ୟ ଆନୁମାନିକ ୧୩ ଲକ୍ଷ ଟଙ୍କା ହେବ ବୋଲି ଜିଲା ଯୋଗାଣ ଅଧିକାରୀ ଅଜୟ କୁମାର ମଲ୍ଲିକ କହିଛନ୍ତି।



ଜବତ ହୋଇଥିବା ମାଣ୍ଡିଆ ଟ୍ରକ ।

# ଦଳୀୟ ପ୍ରାର୍ଥୀଙ୍କ ପାଇଁ ଭୋଟ ମାଗିବାକୁ ପରାମର୍ଶ



ସମ୍ମିଳନୀରେ ବିଜେଡି ନେତା ଓ କର୍ମୀମାନେ।

ଡାବୁଗାଁ, ୧୯।୪ (ପ୍ରଜ୍ଞାରଞ୍ଜନ ପରିଡ଼ା)

**୩ ସ୍ଥାନରେ ବିଜେଡିର କର୍ମୀ ସମ୍ମିଳନୀ**

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ଚଚରାଗୁଡ଼ା ପଞ୍ଚାୟତ ଅଧୀନ ଜନ୍ଦ୍ରିଗୁଡା, ଅଞ୍ଚଳା ପଞ୍ଚାୟତର ପୂଜାରିଗୁଡା ଓ ମେଦନା ପଞ୍ଚାୟତ ସଦର ଗାଁରେ ବ୍ଲକ ବିଜେଡିର ଏକ କର୍ମୀ ସମ୍ମିଳନୀ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ୩ ସ୍ଥାନରେ ନବରଙ୍ଗପୁରର ବିଜେଡି ଏମ୍‌ପି ପ୍ରାର୍ଥୀ ପ୍ରଦୀପ ମାଝି ଓ ଡାବୁଗାଁ ବିଧାୟକ ପାର୍ଥୀ ଭାବେ ମନୋହର ରନ୍ଧାରୀ ଯୋଗଦେଇଥିଲେ। ସମସ୍ତେ ଏକାଠି ହୋଇ ଏହି ଦଳୀୟ ପ୍ରାର୍ଥୀଙ୍କୁ ଭୋଟ ଦେଇ ଜିତାଇବାକୁ ସେ ନିବେଦନ କରିଥିଲେ। ପ୍ରତି ଗ୍ରାମରେ ଘର ଘର ବୁଲି ଭୋଟ ମାଗିବାକୁ କର୍ମୀମାନଙ୍କୁ ପରାମର୍ଶ ଦିଆଯାଇଥିଲା। ଏହାସହ ଚଚରାଗୁଡା ପଞ୍ଚାୟତରୁ ୫୪, ଅଞ୍ଚଳାରୁ ୩୮ ଜଣ ଓ ମେଦନାରୁ ୩୪ ଜଣ ବିଭିନ୍ନ ଦଳ ଛାଡି ବିଜେଡିରେ ସାମିଲ ହୋଇଥିଲେ। ଉକ୍ତ ସଭାରେ ବ୍ଲକ ବିଜେଡି ସଭାପତି ସୁରେନ୍ଦ୍ର କୁମାର ମିଶ୍ର, ବିଧାୟକ ପ୍ରତିନିଧି ଏମ୍.ବୁଲୁ ରାଓ, ଏମପି ପ୍ରତିନିଧି ଏମ୍. ଆପ୍ପା ରାଓ, ଡାବୁଗାଁ ଜିଲା ପରିଷଦ ସଭ୍ୟ ଧନସିଂ ଭତ୍ରା ଓ ଗୁପ୍ତ ବିଷୋୟୀ, ବ୍ଲକ ଅଧକ୍ଷା ବୀଣା ମାଝି, ଉପାଧକ୍ଷ ସଦାନନ୍ଦ ନାୟକ, ରାଜ୍ୟସଭା ଏମ୍‌ପିଙ୍କ ପ୍ରତିନିଧି ରାମାରାଓ ଚୌଧୁରୀ, ୩ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ ଓ ବହୁ କର୍ମୀ ସାମିଲ ହୋଇଥିଲେ।

## ଶର୍ଟ ସର୍କିଟରୁ ଜଳିଗଲା ଘର

ଦାରିଙ୍ଗବାଡି, ୧୯।୪ (ଅରୁଣ ସାହୁ)

ଦାରିଙ୍ଗବାଡ଼ି ବ୍ଲକ କିରିକୁଟି ଗାଁ ଶାସ୍ତ୍ରୀ ନଗରରେ ଶୁକ୍ରବାର ସନ୍ଧ୍ୟାରେ ସର୍ଟ ସର୍କିଟରୁ ନିଆଁ ଲାଗି ଘର ଜଳିଯାଇଛି। ଉକ୍ତ ସାହିର ଇନ୍ଦ୍ର ବେହେରାଙ୍କ ଘରେ ଘଟିଛି ଏହି ଘଟଣା। ଘରେ ଥିବା ଆସବାବ ପତ୍ର ସହିତ ଏକ ଅର୍ଥ ଲଗାଣକାରୀ ସଂସ୍ଥାଠାରୁ ଋଣ ବାବଦରେ ଆଣିଥିବା ଓ ଘରେ ରଖିଥିବା ନଗଦ ୩୦ହଜାର ଟଙ୍କା ପୋଡ଼ି ନଷ୍ଟ ହୋଇଯାଇଛି ବୋଲି ପରିବାର ପକ୍ଷରୁ କୁହାଯାଇଛି । ସେହିପରି ଘରେ ଥିବା ଇନ୍ଦ୍ର ବେହେରାଙ୍କ ବୋହୁ ସୀତାରାଣୀ ବେହେରା ଆହତ ହୋଇଥିବା ବେଳେ ଦାରିଙ୍ଗବାଡ଼ି ଅଗ୍ନିଶମ ବିଭାଗ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଛି। ପୀଡିତା ପରିବାର ଲୋକଙ୍କୁ ସରକାରୀ ସହାୟତା ଦେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

## ବିଦ୍ୟାଳୟ ଲାବୋରେଟୋରିରେ ଧୂଆଁ

ଖଲ୍ଲିକୋଟ, ୧୯।୪ (ପ୍ରଶାନ୍ତ କୁମାର ମିଶ୍ର)

ଖଲ୍ଲିକୋଟ କନକମଞ୍ଜରୀ ବାଳିକା ଉଚ୍ଚ ବିଦ୍ୟାଳୟ ସାଇନ୍ସ ଲାବୋରୋଟରୀରୁ ଶୁକ୍ରବାର ପ୍ରବଳ ଧୂଆଁ ବାହାରିବା ନେଇ ଭୟ ସୃଷ୍ଟି ହୋଇଥିଲା। ଖବରପାଇ ଖଲ୍ଲିକୋଟ ଦମକଳ ବାହିନୀ ପହଞ୍ଚି ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ କରି ଉକ୍ତ ଘରର ସମସ୍ତ କବାଟ ଓ ଝରକା ଖୋଲା ରଖିଥିଲେ। କିଛି ସମୟ ପରେ ଆଉ ଧୂଆଁ ଦେଖାଯାଇ ନ ଥିଲା। କେମିକାଲ ତଳେ ଢାଳି ହୋଇ ଗ୍ୟାସ ହୋଇଯାଇଥିଲା। ଶିକ୍ଷୟିତ୍ରୀ, ଶିକ୍ଷକ ଭୟରେ ପଦାକୁ ବାହାରି ଆସିଥିଲେ। ଗ୍ରୀଷ୍ମପ୍ରବାହ ଯୋଗୁ ଛୁଟିଥିବାରୁ ଛାତ୍ରୀମାନେ ଅନୁପସ୍ଥିତ ଥିଲେ। ଶଟ ସର୍କିଟରୁ ଏପରି ଘଟିଥାଇ ପାରେ ବୋଲି ଅଗ୍ନିଶମ ବିଭାଗ କର୍ମଚାରୀ ପ୍ରକାଶ କରିଥିଲେ।

# ଭାଜପାର ସମ୍ବର୍ଦ୍ଧନା ସଭା, ମିଶ୍ରଣ ପର୍ବ



ନବରଙ୍ଗପର, ୧୯।୪ (ସଦାଶିବ ପ୍ରହରାଜ)

ବିଜେଡିର ପୂର୍ବତନ ଜିଲା ସଭାପତି ପ୍ରହଲ୍ଲାଦ ତ୍ରିପାଠୀ ଭାଜପାର ସାମିଲ ହେବା ପରେ ଶକ୍ତି ପ୍ରଦର୍ଶନ କରିଛନ୍ତି। ସେ ନବରଙ୍ଗପୁରରେ ପହଞ୍ଚିବା ପରେ ଶତାଧିକ ଭାଜପା କର୍ମୀ ବାଇକ୍ ଶୋଭାଯାତ୍ରାରେ ଚାଉଁରିଆଗୁଡ଼ା ଛକରୁ ବାହାରି ସହର ପରିକ୍ରମା କରିବା ସହ ସ୍ଥାନୀୟ ଶୁଭ ଅଭିନନ୍ଦନ କଲ୍ୟାଣ ମଣ୍ଡପରେ ଆୟୋଜିତ ସମ୍ବର୍ଦ୍ଧନା ସଭା ସ୍ଥଳକୁ ଯାଇଥିଲେ। ସେଠାରେ ପ୍ରହଲ୍ଲାଦ ତ୍ରିପାଠୀଙ୍କୁ ସ୍ୱାଗତ କରାଯାଇଥିଲା। ପ୍ରହଲ୍ଲାଦ ଦଳରେ ମିଶିବାପରେ ଜିଲାରେ ଭାଜପା ଅଧିକ ସୁଦୃଢ଼ ହେବ ବୋଲି ଦଳୀୟ ଏମ୍‌ପି ପ୍ରାର୍ଥୀ ବଳଭଦ୍ର ମାଝି କହିଛନ୍ତି। ନିର୍ବାଚନରେ ବିଧାୟକ ଓ ଏମ୍‌ପି ପ୍ରାର୍ଥୀଙ୍କୁ ଜିତାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିବେ ବୋଲି ପ୍ରହଲ୍ଲାଦ ତ୍ରିପାଠୀ କହିଛନ୍ତି। ଏହି ଅବସରରେ ବରିଷ୍ଠ ବିଜେଡି ନେତା ନାରାୟଣ ପାତ୍ର, ଭତରା ସିୟୁନି ସରପଞ୍ଚ ନିଳମ୍ବର ମାଝି, ୱାର୍ଡ ମେମ୍ବର ନରସିଂହ ମାଝି, ଆଇନଜୀବୀ ପ୍ରୀତି ଚୌଧୁରୀ, ପ୍ରଦୀପ କୁମାର ଦାଶ, ନବରଙ୍ଗପୁର, ତେନ୍ତୁଳିଖୁଣ୍ଟି ଓ ନନ୍ଦାହାଣ୍ଡି ବ୍ଲକ, ନବରଙ୍ଗପୁର ପୋରାଞ୍ଚଳର ଶତାଧିକ ବିଜେଡି କର୍ମୀ ଭାଜପାରେ ମିଶିଛନ୍ତି। ନାରାୟଣ ପାତ୍ର ପୂର୍ବରୁ ନବରଙ୍ଗପୁର କଂଗ୍ରେସ ଜିଲା ସଭାପତି ଥିଲେ। ପରେ ବିଜେଡିରେ ରହିଥିଲେ। ସେ ଜଣେ ଦୃଢ଼ ସଙ୍ଗଠକ। ସେ ଏବେ ବିଜେଡି ଛାଡି ଭଜପାରେ ମିଶିଥିବାରୁ ଦଳ ସୁଦୃଢ଼ ହୋଇଛି ବୋଲି ନବରଙ୍ଗପୁର ଭଜପା ବିଧାୟକ ପ୍ରାର୍ଥୀ ଗୌରୀଶଙ୍କର ମାଝି କହିଛନ୍ତି। ଏହି ସମ୍ବର୍ଦ୍ଧନା ଓ ମିଶ୍ରଣ ପର୍ବ କାର୍ଯ୍ୟକ୍ରମରେ ଜିଲା ସଭାପତି ଜଗଦୀଶ ବିଷୋୟୀ, ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ, ଲୋକ ସଭା ପ୍ରଭାରୀ ମନିଞ୍ଜର ଆର୍ଯ୍ୟ, ଲୋକ ସଭା ସଂଯୋଜକ ରାମେଶ୍ୱର ଜେନା, ରାଜ୍ୟ ସମ୍ପାଦକ ରମେଶ ସାହୁ, ଖାଡଶ୍ୱର ଖାଡ଼ଙ୍ଗା, କୁଞ୍ଜ ବିହାରୀ ଦାଶ, ଅଚ୍ୟୁତାନନ୍ଦ ବିଶୋଇ, ଦେବଦାସ ମହାକୁଡ଼, କାହ୍ନୁ ଦାଶ ପ୍ରମୁଖ ମଞ୍ଚାସୀନ ଥିଲେ।

# ସାପ କାମୁଡ଼ାରେ ମହିଳା ଗୁରୁତର

ପାପଡ଼ାହାଣ୍ଡି, ୧୯।୪ (ସ୍ୱପ୍ନଜିତ ପଟ୍ଟନାୟକ)



ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ସଦର ବଙ୍କା ସାହିରେ ନାଗସାପ କାମୁଡ଼ାରେ ଗାଁର ଦେବକୀ ମାଝି ଗୁରୁତର ହୋଇଛନ୍ତି। ତାଙ୍କୁ ପ୍ରଥମେ ପାପଡ଼ାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରବର୍ତ୍ତୀ ସମୟରେ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସୂଚନାନୁଯାୟୀ ଦେବକୀ ଶୁକ୍ରବାର ଖରାବେଳେ ଖାଇ ସାରି ଘରେ ଶୋଇଥିଲେ। ଏହି ସମୟରେ ଏକ ଚମ୍ପା ନାଗ ତାଙ୍କୁ କାମୁଡ଼ି ଦେଇଥିଲା। ସାପ କାମୁଡ଼ିଥିବା ନେଇ ପରିବାର ଲୋକଙ୍କୁ ସେ ଜଣାଇଥିଲେ। ପଡ଼ିଶାଘରର ମହମ୍ମଦ ୟାସିନ ଏକ ବାଇକ ଯୋଗେ ତାଙ୍କୁ ପାପଡ଼ାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ତାଙ୍କୁ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

# ବିଜେଡିରେ ମିଶିଲେ ଶତାଧିକ ଯୁବକ, ଛାତ୍ର

ନବରଙ୍ଗପୁର, ୧୯।୪ (ସଦାଶିବ ପ୍ରହରାଜ)

ନବରଙ୍ଗପୁର ବିଧାନସଭା ନିର୍ବାଚନମଣ୍ଡଳୀରେ ବିଜେଡିର ଏକ ମିଶ୍ରଣ ପର୍ବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ତେନ୍ତୁଳିଖୁଣ୍ଟି ବ୍ଲକ ଝରିଗୁମ୍ମା, କଙ୍ଗରା ପଞ୍ଚାୟତ, ନବରଙ୍ଗପୁର ବ୍ଲକର ଭତ୍ରାସିଉନି, ଅଗ୍ନିପୁର, ବିକ୍ରମପୁର ପଞ୍ଚାୟତ ଓ ନବରଙ୍ଗପୁର ପୌର ପାଳିକାର ଶତାଧିକ ଛାତ୍ର, ଯୁବ ଓ ବିଭିନ୍ନ ବ୍ୟକ୍ତିବିଶେଷ ନବୀନ ପଟ୍ଟନାୟକଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ବିଜେଡିରେ ମିଶିଛନ୍ତି। ଏହି ଅବସରରେ ବିଜେଡି ଏମ୍‌ପି ପ୍ରାର୍ଥୀ ପ୍ରଦୀପ ମାଝି, ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀଙ୍କ ସହ ବିଧାୟକ ପ୍ରାର୍ଥୀ କୌଶଲ୍ୟା ପ୍ରଧାନୀ ସମସ୍ତଙ୍କୁ ଉତ୍ତରୀୟ ପ୍ରଦାନ ପୂର୍ବକ ଦଳକୁ ସ୍ୱାଗତ କରିଥିଲେ। ଏହି ଅବସରରେ ନବରଙ୍ଗପୁର ଜିଲା ପର୍ଯ୍ୟବେକ୍ଷକ ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀ, ତେନ୍ତୁଳିଖୁଣ୍ଟି ବ୍ଲକ ସଭାପତି ପ୍ରଫୁଲ୍ଲ ନାଗ, ବ୍ଲକ ଉପାଧକ୍ଷ ରାଜେନ୍ଦ୍ର ବିଷୋୟୀ, ନବରଙ୍ଗପୁର ବ୍ଲକ ସଭାପତି ଲକି ଭତ୍ରା, ବେଦବ୍ୟାସ ଭତ୍ରା, ଏମ୍‌ପି ପ୍ରତିନିଧି ବାବୁଲି ମିଶ୍ର, ଜିଲା ପରିଷଦ ସଭ୍ୟ ରତିକାନ୍ତ ପଣ୍ଡା, ଅରୁଣ ମିଶ୍ର, କୃଷ୍ଣା ମଞ୍ଜରୀ ବିଷୋୟୀ, ନଗର ସଭାପତି ପ୍ରମୋଦ ରଥ, କୋରାପୁଟ ଜିଲା ଜୋନ୍ ଯୁବ ଜନତା ଦଳର ସଭାପତି ତାପସ ତ୍ରିପାଠୀ, ଜିଲା ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ମହାପାତ୍ର, କୁନା ପଣ୍ଡା, ତନୟ ସାଗର ନାୟକ, ସଞ୍ଜୟ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।




ଦଳୀୟ ନେତାଙ୍କ ସହ ବିଜେଡିରେ ମିଶିଥିବା ଛାତ୍ର ଓ ଯୁବକମାନେ।

# 'ଏକାଠି ହୋଇ ନିର୍ବାଚନ ଲଢ଼ିବା, ଜିତିବା'

ଉମରକୋଟ, ୧୯।୪ (ସନ୍ତୋଷ ଶତପଥୀ)



ଉମରକୋଟ ବିଧାୟକ ପ୍ରାର୍ଥୀ ନବୀନା ନାୟକ ଦଳୀୟ ନେତାଙ୍କ ଉପସ୍ଥିତିରେ କର୍ମୀମାନଙ୍କୁ ଉଦ୍‌ବୋଧନ ଦେଉଛନ୍ତି।

- ବିଜେଡି କର୍ମୀ ସମ୍ମିଳନୀ
- ୱାର୍ଡ ସ୍ଥିତି ସମୀକ୍ଷାକଲେ ଜିଲା ପର୍ଯ୍ୟବେକ୍ଷକ

ନବରଙ୍ଗପୁର ଜିଲା ଉମରକୋଟ ପୌରାଞ୍ଚଳ ଅଧୀନ ୫୨ ନମ୍ବର ଆମ୍ବବଗିଚାରେ ନବରଙ୍ଗପୁର ଜିଲା ପର୍ଯ୍ୟବେକ୍ଷକ ଈଶ୍ୱର ପାଣିଗ୍ରାହୀଙ୍କ ଉପସ୍ଥିତିରେ ବିଜେଡି ପକ୍ଷରୁ ପୌରାଞ୍ଚଳର ସମସ୍ତ ୧୪ଟି ୱାର୍ଡର କର୍ମୀଙ୍କୁ ନେଇ ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିସହ ଉମରକୋଟ ପୌର ପରିଷଦର ପ୍ରତି ୱାର୍ଡର ଦଳୀୟ ସ୍ଥିତି ସମୀକ୍ଷା କରାଯାଇଛି। ମୁଖ୍ୟ ଅତିଥି ଭାବେ ବିଜେଡି ଜିଲା ପର୍ଯ୍ୟବେକ୍ଷକ ଈଶ୍ୱର ପାଣିଗ୍ରାହୀ ଯୋଗଦେଇଥିଲେ। ନବରଙ୍ଗପୁର ଲୋକ ସଭା ପ୍ରାର୍ଥୀ ପ୍ରଦୀପ ମାଝି, ଉମରକୋଟ ବିଧାନସଭା ପ୍ରାର୍ଥୀ ନବୀନା ନାୟକ ଯୋଗଦେଇଥିଲେ। ରାଜ୍ୟ ସରକାରଙ୍କ ସମସ୍ତ ଯୋଜନା ସମ୍ପର୍କରେ ପ୍ରଚାର କରିବା ପାଇଁ ଉଭୟ ପ୍ରାର୍ଥୀ କର୍ମୀମାନଙ୍କ ସହଯୋଗ ଲୋଡ଼ିଥିଲେ। ନିଜ ୱାର୍ଡର ସ୍ଥିତି ବୁଝିବା ସହ ଏକ ହୋଇ ନିର୍ବାଚନ ଲଢ଼ିବା ଓ ଦଳୀୟ ପ୍ରାର୍ଥୀ କିପରି ଅଧିକରୁ ଅଧିକ ଭୋଟ ପାଇବ ସେ ନେଇ ଜିଲା ପର୍ଯ୍ୟବେକ୍ଷକ କର୍ମୀଙ୍କୁ ବୁଝାଇଥିଲେ। ମହିଳାଙ୍କ ଆର୍ଥିକ ସ୍ଥିତିରେ ସୁଧାର ଆଣିବା ପାଇଁ ରାଜ୍ୟ ସରାକରଙ୍କ ପକ୍ଷରୁ ଯେଉଁ ସବୁ ଯୋଜନା କରାଯାଇଛି ସେ ସମସ୍ତ କଥାକୁ ଲୋକଙ୍କ ପାଖକୁ ଯାଇ ବୁଝାଇବାକୁ ମୁଖ୍ୟ ଅତିଥି କର୍ମୀଙ୍କୁ କହିଥିଲେ। ଆଗାମୀ ନିର୍ବାଚନରେ ସମସ୍ତେ ଏକଜୁଟ ହୋଇ ଲଢ଼ିବା ପାଇଁ ସମସ୍ତ ଅତିଥିମାନେ ମତବ୍ୟକ୍ତ କରିଥିଲେ। ୨୦୧୯ ସାଧରଣ ନିର୍ବାଚନ ଓ ଗତ ପୌର ନିର୍ବାଚନରେ ଦଳର ସ୍ଥିତି ପ୍ରତି ୱାର୍ଡରେ ସ୍ଥିତି କ'ଣ ଥିଲା ଓ ବର୍ତ୍ତମାନ ଦଳର ସ୍ଥିତିରେ କ'ଣ ସୁଧାର ଆସିଛି ସେ ନେଇ ଜିଲା ପ୍ରଭାରୀ ସମୀକ୍ଷା କରିଥିଲେ। ଏହି ବୈଠକରେ ନଗର ସଭାପତି କୈଳାସ ନାୟକ, ପୂର୍ବତନ ନଗରପାଳ ଝାଡ଼େଶ୍ୱର ମହାନ୍ତି, କାଳୁ ପଣ୍ଡା, ଭି.ବୁଜି ରାଓ, ସମସ୍ତ ଦଳୀୟ କାଉନସିଲର, ମନୋଜ ଧଳ, ଛନ୍ଦାଚରଣ ଜେନା, ପୌରାଧକ୍ଷା ରାଧା ଭତ୍ରା, ବ୍ଲକ ଅଧକ୍ଷା ସୁଶୀଳା ମାଝିଙ୍କ ସମେତ ୧୪ ୱାର୍ଡରୁ ପ୍ରାୟ ୮୦୦ କର୍ମୀ ଉପସ୍ଥିତ ଥିଲେ।

